■ ବିଜୁ ଜନତା ଦଳ ମହିଳା କାର୍ଯ୍ୟକର୍ତ୍ତାଙ୍କ ସମାବେଶ

## ଶତାଧିକ ମହିଳା ବିଜେଡିରେ ମିଶିଲେ



ନିମାପଡା,୨୦।୫(ସମିସ): ନିମାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୧ନଂ ଜୋନ ଭୋଦର ପଞ୍ଚାୟତ ବିଜୁ ଜନତା ଦଳର ମହିଳା ସମାବେଶ ଚାରିଛକ ନିକଟସ୍ଥ ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।୨୧ନଂ ଜିଲ୍ଲାପରିଷଦ ସଭ୍ୟା ସସ୍ମିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ବିଜୁ ଜନତା ଦଳର ପୂର୍ବତନ ସଭାନେତ୍ରୀ ତିଳୋତମା ନାୟକ,ସମ୍ମାନିତ ଅତିଥିଭାବେ ୧୮ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା କୁଞ୍ଜଲତା ସାମଲ,ପୂର୍ବତନ ସରପଞ୍ଚ ବିଣାପାଣୀ ସ୍ୱାଇଁ,ଛଣିଜଙ୍ଗ ସମିତିସଭ୍ୟା ଲକିବାଳା ନାୟକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ, ମହିଳାଙ୍କ ପାଇଁ ବିଭିନ୍ନ ଯୋଜନା ସବୁ ପ୍ରଣୟନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ତୃଣମୂଳସ୍ତରରେ ଜନସାଧାରାରଣଙ୍କ ନିକଟରେ ପହଞ୍ଚାଇବା ସହିତ ନବୀନଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହ ଜଗତସିଂହପୁର ସାଂସଦ ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଓ ନିମାପଡା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ କୁମାର ନାୟକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ମହିଳାମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ଭୋଦର ପଞ୍ଚାୟତର ମହିଳାନେତ୍ରୀ ସତ୍ୟଭାମା ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳାକର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜୁ ଜନତା ଦଳରେ ନୂତନ ଭାବେ ସାମିଲ ହୋଇଥିବା ମହିଳା କର୍ମୀମାନଙ୍କୁ ଅତିଥିମାନେ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ବାଙ୍ଗୁରୀଗାଁ,୨୦।୫(ସମିସ):** କାକଟପୁର ବ୍ଲକ ଅଧିନସ୍ଥ ଅଶିଜଙ୍ଗା ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା କାକଟପୁର ବ୍ଲକ ଶିକ୍ଷକ ସଂଘ ପୂର୍ବତନ ସଭାପତି ମାଧବାନନ୍ଦ ବେହେରାଙ୍କ ରବିବାର କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ବାଙ୍ଗୁରୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୨୦୦୬ରୁ ଚାକିରିରୁ ଅବସର ନେବାପରେ ସାଧାରଣ ଲୋକଙ୍କ ସେବାରେ ନିଜକୁ ସମର୍ପଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବରିଷ୍ଠ କଂଗ୍ରେସ ନେତା ତଥା କାକଟପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ଯୁବନେତା ସୌମ୍ୟକାନ୍ତ ଖୁଣ୍ଟିଆ,କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ଏମ୍‌ପି ପ୍ରତିନିଧି ଜ୍ଞାନରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ,ଜ୍ୟେଷ୍ଠ ପୁତ୍ର ନୃସିଂହ, କନିଷ୍ଠ ପୁତ୍ର ଶେଷଦେବ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ପଟୁଆରରେ ପଞ୍ଚାୟତ ପରିକ୍ରମା କରାଯାଇ ଗ୍ରାମ୍ୟ ଶ୍ମଶାନ ରେ ଶେଷକୃତ୍ୟ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ନୃସିଂହ ମୁଖାଗ୍ନି ଦେଇଥିଲେ।

# ସତ୍ୟବାଦୀରେ କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ'




**ସାକ୍ଷୀଗୋପାଳ,୨୦।୫(ସମିସ)** ସାଧାରଣ ନିର୍ବାଚନ ଲାଗି ବିଭିନ୍ନ ଦଳ ସେମାନଙ୍କ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଅନ୍ୟଦଳ ଅପେକ୍ଷା ବିଜେଡି ପ୍ରଚାରରେ ସମସ୍ତଙ୍କ ଆଗରେ ରହିଛି। ସତ୍ୟବାଦୀରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ରୋଡ୍ ଶୋ' କରି ଦଳିୟ ପ୍ରାର୍ଥୀଙ୍କ ଲାଗି ଭୋଟ ଭିକ୍ଷା କରିଛନ୍ତି। ଶ୍ରୀ ପାଣ୍ଡିଆନ ସାକ୍ଷୀଗୋପାଳ ବ୍ଲକ ଛକ ନିକଟରେ ପହଞ୍ଚିବା ପରେ ସତ୍ୟବାଦୀ ବିଜେଡି ବିଧାୟକପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କ ସହିତ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟଙ୍କ ସହିତ ହଜାର ହଜାର ଯୁବକମାନେ ରୋଡ୍ ଶୋ' କରି ସାକ୍ଷୀଗୋପାଳ ବଜାର ଦେଇ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ।ସାକ୍ଷୀଗୋପାଳ ବ୍ଲକ ଛକରୁ ବକୁଳବନ ମୁକ୍ତାକାଶ ମଞ୍ଚ ପର୍ଯ୍ୟନ୍ତ ସବୁଆଡେ ଶଙ୍ଖ ମୟ ହୋଇଉଠିଛି।ଶ୍ରୀ ପାଣ୍ଡିଆନଙ୍କୁ ବିଭିନ୍ନ ଛକ ଗୁଡିକରେ ମହିଳାଙ୍କ ସହିତ ଯୁବକମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂହଙ୍କ ସହିତ ସାକ୍ଷୀଗୋପିନାଥଙ୍କ ସେବାୟତ ପ୍ରମୁଖ ଉପଢୌକନ ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ବିଜେଡି ସରକାରଙ୍କ ସମୟରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ ସମ୍ପର୍କରେ କହିବା ସହ ପଞ୍ଚସଖାଙ୍କ ଦୁଇ ସାଥିଙ୍କ ଜନ୍ମପୀଠର ଉନ୍ନତି ପାଇଁ ପ୍ରସ୍ତାବ ରଖିଛନ୍ତି ଶ୍ରୀ ବର୍ମା। ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଆପଣଙ୍କର ଆଗରେ ଠିଆ ହୋଇଛି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ଓଡ଼ିଆ ଇତିହାସ ରେ ଏକ ନୂତନ ଅଧ୍ୟାୟ ଯୋଡିଛନ୍ତି ମୁଖ୍ୟମନ୍ତ୍ରୀ। ଆସନ୍ତା ୨୫ତାରିଖ ଦିନ ନିଜ ନିଜ ପରିବାରଙ୍କୁ ନେଇ ଶଙ୍ଖ ଚିହ୍ନରେ ଭୋଟ ମାରି ୬ଷ୍ଠଥର ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ଇତିହାସ ସୃଷ୍ଟି କରିବା ସହ ବିରୋଧୀ ଦଳକୁ ଦେଖାଇଦେବାକ ବୋଲି କହିଥିଲେ। ବିଜେଡିର ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କ ସହିତ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ ଶ୍ରୀ ପାଣ୍ଡିଆନ।

## କାକଟପୁର ନିର୍ବାଚନ ମଣ୍ଡଳୀ | ତୁଷାରକାନ୍ତିଙ୍କ ଜୋର୍‌ଦାର୍ ପ୍ରଚାର





**ଅସ୍ତରଙ୍ଗ,୨୦।୫(ସମିସ):** ପାଖେଇ ଆସୁଚି ସାଧାରଣ ନିର୍ବାଚନ ବଢିବାରେ ଲାଗିଚି ରାଜନୈତିକ ଉଷ୍ମତା ତ୍ରିମୁଖୀ ଲଢେଇକୁ ଦୃଷ୍ଟି ରେ ରଖି କାକଟପୁର ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି। ତୁଷାର କାନ୍ତି ଏବଂ ସ୍ୱାଧୀନ ନାୟକଙ୍କ ଗୋଟି ଚାଳନା ଆଗରେ ଧରାସାୟୀ ହେଉଛନ୍ତି ବିରୋଧି। ପୁନର୍ବାର ନବୀନ ପଟ୍ଟନାୟକଙ୍କ ଆସ୍ଥାକୁ ସଫଳ ରୂପ ଦେବାରେ ଲାଗିପଡିଛନ୍ତି ଯୁବନେତା ତୁଷାରକାନ୍ତି ବେହେରା ଓ ସ୍ୱାଧୀନ ନାୟକ। ତାଙ୍କର ସରଳତା ଏବଂ ରଣକୌଶଳ ଭୋଟରଙ୍କୁ ବେଶ ପ୍ରଭାବିତ କରୁଛି। ଯେଉଁଥି ପାଇଁ ଜୋରସୋରରେ ଚାଲିଛି ମିଶ୍ରଣ ପର୍ବ। ଗତ ପଞ୍ଚାୟତ ନିର୍ବାଚନରେ ତୁଷାରଙ୍କ ନିକଟରୁ ମୁହଁ ଫେରାଇ ଦେଇଥିବା ଅନେକ ଟାଣୁଆ ନେତା ଏବେ ତୁଷାରଙ୍କ ହାତରେ ହାତ ମିଶାଇ ତାଙ୍କୁ ସଶକ୍ତ କରି ବିପୁଳ ଭୋଟରେ ଜିତାଇବା ପାଇଁ ଅଣ୍ଟା ଭିଡୁଛନ୍ତି। ସାଂସଦ, ବିଧାୟକ ପ୍ରାର୍ଥୀଙ୍କୁ ସାଙ୍ଗରେ ଧରି ପଞ୍ଚାୟତରୁ ପଞ୍ଚାୟତ ଗାଁ ରୁ ଗାଁ ଘରରୁ ଘର ବୁଲି ଶଙ୍ଖ ଚିହ୍ନରେ

### ମଙ୍ଗୁଆଳ ସାଜିଛନ୍ତି ସ୍ୱାଧୀନ ନାୟକ

ବିପୁଳ ସଂଖ୍ୟା ରେ ଭୋଟ ଦେବାପାଇଁ ଭୋଟରଙ୍କୁ ନିବେଦନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ଜୋନରେ ବିଶାଳ ବାଇକ୍ ଶୋଭାଯାତ୍ରା କରି ବିଜେଡି ବିଧାୟକ ପ୍ରାର୍ଥୀ ତୁଷାର କାନ୍ତି ବେହେରା, ଜଗତସିଂହପୁର ଲୋକସଭା ସାଂସଦ ପ୍ରାର୍ଥୀ ଡ଼ଃ ରାଜଶ୍ରୀ ମଲ୍ଲିକ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବର୍ତ୍ତମାନ ଅନେକ ଯୁବ ପ୍ରତିଭା, ବୟସ୍କ, ମହିଳା, ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାରେ ପ୍ରଭାବିତ ହୋଇ ତୁଷାରଙ୍କୁ ନିଜ ଆଦର୍ଶ ଭାବି ଦଳ ରେ ନିସ୍ୱାର୍ଥପର ଭାବେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ଶଙ୍ଖ ଚିହ୍ନରେ ଭୋଟ ଦେବା ସହିତ ନବୀନବାବୁ ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ କାକଟପୁରରେ ଶଙ୍ଖକୁ ପୁନର୍ବାର ବିପୁଳ ଭୋଟରେ ବିଜୟୀ କରାଇବେ ବୋଲି ମନ୍ତୀ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ କହିଛନ୍ତି।

● ଘର ଛପର ବେଳେ ଟଳିପଡ଼ିଲେ ଶ୍ରମିକ

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ ଆଣିଲେ ପରିବାରଲୋକ

**ଗୋପ,୨୦।୫(ସମିସ):** ଗୋପ ବ୍ଲକ୍ ଅଧିନ ଗଡ଼ରୂପାସ ଗ୍ରାମର ସୋମବାର ସକାଳେ ଜୈନିକ ବ୍ୟକ୍ତିଙ୍କ ଘର ଛପର କରୁଥିବା ବେଳେ ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହା ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଗଡ଼ରୂପାସ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ଛପର କାମରେ ସେହି ଗ୍ରାମର ପ୍ରଭାତ ପ୍ରଧାନ (୫୨) ନିୟୋଜିତ ଥିଲେ। ଘର ଛପର ସମୟରେ ପ୍ରବଳ ଖରା ହେତୁ ସେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଶ୍ରମିକ ଓ ପରିବାର ଲୋକେ ତାଙ୍କୁ ତୁରନ୍ତ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। କୌଣସି ରୋଗ ନଥାଇ ହଠାତ୍ ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନଥିବାବେଳେ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ସମବାୟ ସମିତି ସମ୍ପାଦକଙ୍କ ପରଲୋକ

ସାକ୍ଷୀଗୋପାଳ,୨୦।୫ (ସମିସ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳରାମପୁରଗଡ ସମବାୟ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ୫୪ବର୍ଷ ବୟସରେ ହୃଦଘାତରେ ଅକାଳ ମୃତ୍ୟୁ ହୋଇଯାଇଛି। ଏହି ଖବର ପାଇବା ପରେ ସମବାୟ ବିଭାଗ ପକ୍ଷରୁ ସମ୍ମିଳିତ ପୁରୀ ନିମାପଡାକେନ୍ଦ୍ର ସମବାୟ ବ୍ୟାଙ୍କ ସତ୍ୟବାଦୀ ଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାସନିକ ଅଧିକାରୀ ତଥା ସିଇଓ କମଳ କୁମାର ଆଚାର୍ଯ୍ୟ ସଭାପତିତ୍ୱରେ ଶୋକ ସଭାସହିତ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅମର ଆତ୍ମାର ସଦଗତି ଲାଗି ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକ ଭରତ ସେନାପତିଙ୍କ ସହିତ ସମ୍ପାଦକ ବିଜୟ କୁମାର ରଥ, ପ୍ରକାଶ ଚନ୍ଦ୍ର ମିଶ୍ର, ସରୋଜ କୁମାର ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ଦୀନବନ୍ଧୁ ରାଉତ ଓ ପ୍ରଦୀପ କୁମାର ମିଶ୍ରଙ୍କ ସହିତ ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଜେଡି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



**ଡେଲାଙ୍ଗ,୨୦।୫(ସମିସ):** ପୁରୀ ଲୋକସଭାକ୍ଷେତ୍ରର ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ରୁଦ୍ର ପ୍ରତାପ ମହାରଥି ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ମାରାଥନ ପ୍ରଚାର କରିଛନ୍ତି। ସାଧାରଣ ନିର୍ବାଚନ ପାଇଁ ମତଦାନ ଆଉ ମାତ୍ର କିଛିଦିନ ବାକିଥିବା ବେଳେ ବିଜେଡି ତାର ରଣନିତି ପ୍ରସ୍ତୁତ କରିବା ସହିତ ଗାଁକୁ ଗାଁ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ସୋମବାର ସାଂସଦ ପାର୍ଥୀ ଅରୂପ ପଟ୍ଟନାୟକ ବେରବୋଇ ଗ୍ରାମର ଆରାଧ ଶ୍ରୀ ବ୍ରହ୍ମେଶ୍ୱର ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଥିଲେ। ଉଦୟପୁର, ବେରବୋଇ,ଡଁପୁର ଗ୍ରାମରେ ଘରକୁ ଘର ଓ ଡେଲାଙ୍ଗ ଷ୍ଟେସନ ବଜାରରେ ପ୍ରତ୍ୟକ ଦୋକାନକୁ ଯାଇ ଡେଲାଙ୍ଗ ମାଟିର ପୁଅ ହିସାବରେ ଭୋଟ ଭିକ୍ଷା କରିଥିଲେ। ସେହିପରି ପୂର୍ବତନ ସରପଞ୍ଚ କାଳନ୍ଦୀ ଚରଣ ଜେନାଙ୍କ ନେତୃତ୍ୱରେ ବିଶାଳ ବାଇକ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିବା ବେଳେ ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥି ଯୋଗ ଦେଇ ଗୁଆଳିପଡା ପଞ୍ଚାୟତର ବୋଳକଣା, ଗୁଡୁପାଇଲୋ, ହୁରୁହୁରା, ଗୁଆଳିପଡା, ମାଛପଡା, ପଞ୍ଚୁପଲ୍ଲା, ହୁମର ସହିତ ବିଭିନ୍ନ ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିଥିଲେ। ଅନ୍ୟପଟେ ସମିତି ସଭ୍ୟ ପ୍ରଭାତ କୁମାର ଜେନାଙ୍କ ନେତୃତ୍ୱରେ ବିଧାୟକଙ୍କ ଧର୍ମପତ୍ନି ଜାଗୃତି ପଣ୍ଡା ମହାରଥି ଜେନାପୁର ପଞ୍ଚାୟତର ପୋଷଲ, ହାକପଡା, ସାଦପଡା, ଜେନାପୁର, ଟୋଲାପଡା, ଗୋବିନ୍ଦପୁର, ବ୍ରାହ୍ମଣବାଡ, ସତରବାଟି ପ୍ରମୁଖ ଗ୍ରାମପୁଞ୍ଜରେ ଭୋଟରଙ୍କୁ ଭେଟି ଯୋଡି ଶଙ୍ଖରେ ଭୋଟଦେବାକୁ ନିବେଦନ କରିଥିଲେ। ଏହି ପରିପ୍ରେକ୍ଷିରେ ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ସମିତି ସଭ୍ୟା ସତ୍ୟଭମା ଜେନା, ସମବାୟବିତ୍ କିଶୋର ଛୋଟରାୟ, ବରିଷ୍ଠକର୍ମୀ ସଚ୍ଚିକାନ୍ତ ଜେନା, ନରହରି ବାରିକ, ରତ୍ନାକର ଜେନା,ଜନାର୍ଦ୍ଦନ ଆଲୁକ, ହୃଷିକେଶ ମହାରଣା, ସ୍ୱଦେଶ ରଞ୍ଜନ ସିଂହ, ପ୍ରଶାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡିର ମହିଳା କର୍ମୀ ସମ୍ମିଳନୀ



ସୋମବାର ସନ୍ଧ୍ୟାରେ ଡେଲାଙ୍ଗ ହାଟ ବଜାରସ୍ଥିତ ରାମଚନ୍ଦ୍ରପୁର ମହାବୀର ମନ୍ଦିର ପ୍ରାଙ୍ଗଣରେ ବିଜେଡି ବ୍ଲକ ସଭାପତି ବୈରାଗୀ ଜେନାଙ୍କ ଅଧ୍ୟକ୍ଷତାରେ ମହିଳା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ଦିପ୍ତିଶ୍ରୀ ରାଉତରାୟ, ଛାତ୍ରନେତା ସୁଦିପ୍ତ ନାୟକ, ଯୁବନେତା ଗୌରାଙ୍ଗ ଚରଣ ଜେନା, ପ୍ରଭାସ ପରିଡା, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ନାଏବ ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ସ୍ୱାଇଁ, ବିଦୁଲତା ସ୍ୱାଇଁ, ପ୍ରତିମା ଦାସ, କବିତା ଜେନା, ସ୍ୱର୍ଣ୍ଣମୟୀ ଜେନା, ଶୁଭଲକ୍ଷ୍ମୀ ସ୍ୱାଇଁ, ମଧୁସ୍ମିତା ପ୍ରଧାନ ପ୍ରମୁଖଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ମହିଳାମାନେ ଯୋଗ ଦେଇଥିଲେ। ଏହି ସମବେଶରେ ଆଗାମୀ ନିର୍ବାଚନରେ ବିଜୟୀ ହେଲେ ଡେଲାଙ୍ଗ ଅଞ୍ଚଳର ଅନେକ ବିକାଶ ମୂଳକ କାର୍ଯ୍ୟ କରାଯିବା ସହିତ ରାଜ୍ୟ ସଦରକାରଙ୍କ ୯ଦଫା ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ନେତୃବୃନ୍ଦମାନେ କହିଥିଲେ। ଏହା ସମେତ ମହିଳାମାନଙ୍କୁ ସ୍ୱାବଲମ୍ବି କରିବା କ୍ଷେତ୍ରରେ ବିଜେଡି ସରକାର ସାରା ଭାରତ ବର୍ଷରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ଆଗାମୀ ଦିନରେ ମହିଳାମାନଙ୍କ ପାଇଁ ଆହୁରି ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବ୍ଲକ ସଭାପତି ଶ୍ରୀ ଜେନା ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ।



୨୦/୫/୨୦୨୪ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୩୮,୨୦୩/- ସୁନା: ୦୪.୫୦୦ ଗ୍ରାମ୍ ରୁପା: ୧୭୯.୦୦୦ ଗ୍ରାମ୍






# ବଡ଼ଦାଣ୍ଡରେ ପାଣ୍ଡିଆନଙ୍କ ବିଶାଳ ରୋଡ୍ ଶୋ’

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାଗିଲେ ଭୋଟ








**ପୁରୀ, ୨୦ା୫(ସମିସ)**

ବଡ଼ଦାଣ୍ଡରେ ରୋଡ୍ ଶୋ’ କରିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ।

ସୋମବାର ଅପରାହ୍ନରୁ ବଡ଼ଦାଣ୍ଡକୁ ଜନସାଧାରଣଙ୍କ ଧାଡି ଲାଗିଥିଲା। ସଞ୍ଜ ନଇଁବା କ୍ଷଣି ବିଜେଡିର ହଜାର ହଜାର କର୍ମୀ ଓ ସମର୍ଥକ ଭିଡ଼ ଜମାଇଥିଲେ। ଯୋଡି ଶଙ୍ଖ ନାଦକୁ ହୁଳୁହୁଳି ବାଦ୍ୟରେ କମ୍ପିଥିଲା ଶ୍ରୀକ୍ଷେତ୍ର। ନବୀନ ନାରାରେ କମ୍ପିଥିଲା ବଡ଼ଦାଣ୍ଡ। ସବୁଠାରେ ବିଜେଡି ପ୍ରତି ଅଭୁତପୂର୍ବ ସମର୍ଥନ ଓ ଅଜସ୍ର ଭଲପାଇବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା ପରେ ରୋଡ୍ ଶୋ’ କରିଥିଲେ ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ମରିଚିକୋଟ ଛକରୁ ଆରମ୍ଭ ହୋଇଥିଲା ଏହି ରୋଡ୍ ଶୋ। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ, ଛାତ୍ର, ଯୁବ ଉପସ୍ଥିତ ରହି ବିଜୁ ଜନତା ଦଳ ପ୍ରତି ତାଙ୍କର ଭଲପାଇବାର ପ୍ରମାଣ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ଲାଗି ଆର୍ଶୀବାଦ କରିବାକୁ ସାଧାରଣ ଜନତା ସମବେତ ହୋଇଥିବା ଦେଖାଯାଇଥିଲା। ଏହି ଅବସରରେ ଶ୍ରୀ ପାଣ୍ଡିଆନ ସମବେତ ଜନସାଧାରଣଙ୍କୁ ସମ୍ବୋଧନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନାର ହିସାବ ଦେଇ ଏବଂ ପୁରୀର ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ବିଜେଡିର ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେବା ଲାଗି ନିବେଦନ କରିଥିଲେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଏବଂ ଭଲପାଇବାକୁ ନେଇ ଆସନ୍ତା ଜୁନ୍ ୯ ତାରିଖରେର ଆମ ସମସ୍ତଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ଶପଥ ନେବେ। ତେବେ ଶପଥ ନେବା ପରେ ବିଦ୍ୟୁତ୍ ବିଲ୍ ଛାଡ ନେଇ ମୁଖ୍ୟମନ୍ତ୍ରୀ ପ୍ରଥମ ଦସ୍ତଖତ କରିବେ। ସେହିପରି ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନେଇ ଦ୍ୱିତୀୟ ଦସ୍ତଖତ ଏବଂ ମିଶନ ଶକ୍ତି ମା’ମାନଙ୍କୁ ପେନ୍‌ସନ ନେଇ ତୃତୀୟ ଦସ୍ତଖତ କରିବେ ବୋଲି କହିଥିଲେ ଶ୍ରୀ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ସଶକ୍ତ କରିବା ଲାଗି ଆପଣମାନେ ସମସ୍ତେ ଆଶୀର୍ବାଦ କରନ୍ତୁ ବୋଲି ଅନୁରୋଧ କରିଥିଲେ ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ ଶ୍ରୀ ପାଣ୍ଡିଆନ।



### ପୁରୀ ବିକାଶର ଏହା ଟ୍ରେଲର, ଆଗକୁ ...

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀରେ ଅନେକ ମେଗା ପ୍ରକଳ୍ପ ଛିଡା ହୋଇଛି। ପୁରୀ ବିକାଶକୁ ନେଇ ଆପଣମାନେ ଏବେ ଯାହା ଦେଖୁଛନ୍ତି ତାହା ଟ୍ରେଲର, ଆଗକୁ ଆହୁରି ଅନେକ କାମ ରହିଛି। ଆପଣମାନଙ୍କ ଆଶୀର୍ବାଦ ରହିଲେ ପୁରୀର ରୂପାନ୍ତରୀକରଣ ଆହୁରି ୧୦ ଗୁଣା ସ୍ପିଡରେ ଚାଲିବ। ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ହେବ। ଏଠାକୁ ଦେଶ ବିଦେଶର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି।

ସେମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ସେଥିପାଇଁ ଯାହା ବି କାମ ଦରକାର କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ସଶକ୍ତ ଏବଂ ଶକ୍ତିଶାଳୀ କରିବାକୁ ହେବ। ଭଲ କାମ ପାଇଁ ଆପଣମାନେ ଶକ୍ତି ଦିଅନ୍ତୁ। ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଆଶୀର୍ବାଦ କରିବାକୁ ଆହ୍ୱାନ ଦେଇଥିଲେ ବିଜେଡିର ତାରକା ପ୍ରଚାରକ ଶ୍ରୀ ପାଣ୍ଡିଆନ।

# ଜଗନ୍ନାଥଙ୍କୁ ନେଇ ସମ୍ବିତଙ୍କ ଅରୁଚିକର ମନ୍ତବ୍ୟ; ଭକ୍ତ, ସେବାୟତଙ୍କ ତୀବ୍ର ବିରୋଧ

**ପୁରୀ, ୨୦ା୫(ସମିସ)**

**‘ଜଗନ୍ନାଥ ହେଉଛନ୍ତି ମୋଦିଙ୍କ ଭକ୍ତ’**। ମହାପ୍ରଭୁଙ୍କ ବିଜେସ୍ଥଳୀ ପବିତ୍ର ଶ୍ରୀକ୍ଷେତ୍ର ମାଟିରେ ଛିଡା ହୋଇ ଏଭଳି ମନ୍ତବ୍ୟ ଦେଇଛନ୍ତି ପୁରୀର ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର। ଏଭଳି ଅରୁଚିକର ମନ୍ତବ୍ୟ ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀଙ୍କ ମନରେ ଶକ୍ତ ଆଘାତ ଦେଇଛି। ସେମାନଙ୍କ ଭାବାବେଗକୁ କୁଠାରଘାତ କରିଛି। ଏହାକୁ ନେଇ ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବା ବେଳେ ଭକ୍ତ, ସେବାୟତ ମଧ୍ୟ ବିରୋଧ କରିଛନ୍ତି। ସମ୍ବିତ ପାତ୍ର ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ସୋମବାର ପୁରୀରେ ରୋଡ୍ ଶୋ’ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ସାଂସଦ ପ୍ରାର୍ଥୀ ଶ୍ରୀ ପାତ୍ର ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିବା ସମୟରେ କହିଥିଲେ, ‘ଜଗନ୍ନାଥ ହେଉଛନ୍ତି ମୋଦିଙ୍କ ଭକ୍ତ, ଆଉ ଆମେ ସବୁ ହେଉଛୁ ମୋଦିଙ୍କ ପରିବାରଜନ’। ତେବେ ମୋଦିଙ୍କ ଭକ୍ତ ଜଗନ୍ନାଥ ସମ୍ବିତଙ୍କର ଏଭଳି ମନ୍ତବ୍ୟ ଜଗନ୍ନାଥପ୍ରେମୀଙ୍କ ମନରେ ଶକ୍ତ ଆଘାତ ଦେଇଛି। ପୁରୀରେ ମଧ୍ୟ ଭକ୍ତ, ସେବାୟତ ଏହାକୁ ତୀବ୍ର ବିରୋଧ କରିଛନ୍ତି।

ଭକ୍ତ ଅମରେନ୍ଦ୍ର ସାହୁ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଦେବତା। ସେ ଭାବର ଠାକୁର। ମହାପ୍ରଭୁଙ୍କ ସାନ୍ନିଧ ପାଇବା ପାଇଁ କାହିଁ କେତେଦୂରରୁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଦୌଡି ଆସନ୍ତି। ହେଲେ ମହାପ୍ରଭୁଙ୍କୁ ପ୍ରଧାନମନ୍ତ୍ରୀଙ୍କର ଭକ୍ତ ବୋଲି କହିବା ବିଶ୍ୱନିୟନ୍ତାଙ୍କ ପ୍ରତି ଘୋର ଅପମାନ। ଏଭଳି ମନ୍ତବ୍ୟ ବିଶ୍ୱର ସମଗ୍ର ଜଗନ୍ନାଥପ୍ରେମୀଙ୍କ ଭାବନାକୁ ଆଘାତ ଦେଇଛି। ତେଣୁ ସମ୍ବିତ ପାତ୍ର ମହାପ୍ରଭୁଙ୍କୁ କ୍ଷମା ମାଗିବା ଉଚିତ। ସେହିପରି ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ମଧ୍ୟ ସମ୍ବିତଙ୍କର ଏହି ମନ୍ତବ୍ୟକୁ ତୀବ୍ର ବିରୋଧ କରିଛନ୍ତି। ସେ କହିଛନ୍ତି, ଏଭଳି ବକ୍ତବ୍ୟ ନିନ୍ଦନୀୟ। ପୂର୍ବରୁ ସମ୍ବିତ ପାତ୍ର ମହାପ୍ରଭୁଙ୍କୁ ନେଇ ଏମିତି କିଛି କାମ କରିଛନ୍ତି। ଗତ ନିର୍ବାଚନ ସମୟରେ କଣ୍ଢେଇ ଭଳି ଧରି ବୁଲିଛନ୍ତି। ସେ କ’ଣ କହୁଛନ୍ତି ଏବଂ କ’ଣ କରୁଛନ୍ତି ଜାଣିପାରୁ ନାହାନ୍ତି। ଜଗନ୍ନାଥଙ୍କୁ ନେଇ ରାଜନୀତି କରିବାର ମାନସିକତାରୁ ଦୂରେଇ ରୁହନ୍ତୁ। ସେ ତୁରନ୍ତ ସିଂହଦ୍ୱାରରେ ପ୍ରଣିପାତ କରି ମହାପ୍ରଭୁଙ୍କୁ କ୍ଷମା ମାଗନ୍ତୁ ବୋଲି କହିଛନ୍ତି ଶ୍ରୀ ପ୍ରଧାନ।

### ୨୨ରେ ଷ୍ଟାଡିୟମ ପଡ଼ିଆରେ ପ୍ରଚାର ସଭା

# ବିଶାଳ ଜନସମାବେଶରେ ଉଦ୍‌ବୋଧନ ଦେବେ ନବୀନ

ନୟାଗଡ଼, ୨୦।୫(ସମିସ): ନୟାଗଡ଼ ଜିଲ୍ଲା ନୟାଗଡ଼ ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ଉଦ୍ଦେଶ୍ୟରେ ବିଶାଳ ଜନସମାବେଶ ଅନୁଷ୍ଠିତ ହେବ। ଆସନ୍ତା ୨୨ ତାରିଖ ଷ୍ଟାଡିୟମ ପଡ଼ିଆଠାରେ ଅନୁଷ୍ଠିତ ସଭାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ଯୋଗ ଦେବାର ସୂଚନା ମିଳିଛି। ଏଥିପାଇଁ ବିଜୁ ଜନତା ଦଳ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ୨୩ ତାରିଖରେ ନିର୍ବାଚନ ପ୍ରଚାର ଶେଷ ହେବାକୁ ଥିବା ବେଳେ ୨୨ ତାରିଖ ନୟାଗଡ଼ରେ ଅନୁଷ୍ଠିତ ବିଶାଳ ଜନସମାବେଶ ବେଶ ଗୁରୁତ୍ୱ ବହନ କରୁଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଅଭୂତ ପୂର୍ବ ବିକାଶ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ଅନେକ ଜନହିତକର ଯୋଜନାର ଉପକାର ଲୋକମାନେ ସଠିକ ଭାବେ ପାଉଛନ୍ତି। ବିଶେଷ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ମଧୁବାବୁ ପେନସନ୍ ଯୋଜନା ଦ୍ୱାରା ବହୁ ହିତାଧିକାରୀ ଉପକୃତ ହେଉଛନ୍ତି। ନୟାଗଡ଼ ବିକାଶକୁ ଆଗେଇ ନେବାର କର୍ଣ୍ଣଧାର ସାଜିଥିବା ନେତା ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଚଳିତ ନିର୍ବାଚନରେ ବିଜେଡି ଦଳରୁ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ଭାବେ ପୁରୀ ସାଂସଦ ପ୍ରାର୍ଥୀ ଭାବେ ଡେଲାଙ୍ଗ ମାଟିର ପୁଅ ଅରୂପ ପଟ୍ଟନାୟକ ନିର୍ବାଚନ ମଇଦାନରେ ରହିଛନ୍ତି। ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବା ପାଇଁ ମୁଖ୍ୟମନ୍ତ୍ରୀ ନୟାଗଡ଼ ଆସିବେ ବୋଲି ଜଣାଯାଇଛି। ଏହି ସମାବେଶରେ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଉପସ୍ଥିତ ରହିବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି। ନୟାଗଡ଼ ବ୍ଲକର ୨୯ ପଞ୍ଚାୟତ, ଓଡଗାଁ ବ୍ଲକ ୧୮ ପଞ୍ଚାୟତ, ଓଡଗାଁ ଏନ୍‌ଏସି, ନୟାଗଡ଼ ପୌରପରିଷଦର ଜନସାଧାରଣ ସମାବେଶରେ ସାମିଲ ହେବାକୁ ନୟାଗଡ଼ ବିଧାୟକ ପ୍ରାର୍ଥୀ ଡ. ସାହୁ ନିବେଦନ କରିଛନ୍ତି।



### ସରିଲା ଦଶପଲ୍ଲା ବିଧାନସଭା ନିର୍ବାଚନ

# ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ

ନୟାଗଡ଼, ୨୦।୫(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନିର୍ବାଚନ ଆଜି ଶେଷ ହୋଇଛି। କନ୍ଧମାଳ ସଂସଦୀୟ କ୍ଷେତ୍ରର ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ହୋଇଛି। ପୁଲିସ ଓ ପ୍ରଶାସନ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଉତ୍ତେଜନାପ୍ରବଣ ବୁଥ ଗୁଡ଼ିକରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ରାତି ୧୦ ଟା ସୁଦ୍ଧା ୭୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଗଣିଆ, ନୂଆଗାଁ ଓ ଦଶପଲ୍ଲା ବ୍ଲକରେ ମୋଟ ୨୩୪ ବୁଥରେ ଲୋକେ ମତଦାନ କରିଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ଖମାରସାହି ପଞ୍ଚାୟତ ଭୋଗରା ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ମତଦାନ କରିଥିଲେ। କନ୍ଧମାଳ ବିଜେପି ସାଂସଦ ପ୍ରାର୍ଥୀ ସୁକାନ୍ତ କୁମାର ପାଣିଗ୍ରାହୀ ଗଣିଆ ବ୍ଲକ କିଶୋରପ୍ରସାଦ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ନିଜର ମତଦାନ କରିଥିଲେ। ୨୨ଟି ସଖୀ ବୁଥରେ ମହିଳା କର୍ମଚାରୀ ନିୟୋଜିତ ଥିଲେ। ସେହିଭଳି ଇକୋ ଗ୍ରିନ ବୁଥ୍, ଭିନ୍ନକ୍ଷମ ବୁଥରେ ଦିବ୍ୟାଙ୍ଗ ପୁଲିଂ ଅଧିକାରୀ ଓ କର୍ମଚାରୀ ଏବଂ ପୁଲିଂ ଏଜେଣ୍ଟମାନେ ରହିଥିଲେ।। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ୨୨ ପଞ୍ଚାୟତ, ଗଣିଆ ବ୍ଲକର ୮ ଟି ପଞ୍ଚାୟତ, ଦଶପଲ୍ଲା ବ୍ଲକର ୨୦ ପଞ୍ଚାୟତ ଓ ଦଶପଲ୍ଲା ଏନ୍‌ଏସିକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୯୦ହଜାର ୫୧୬ଜଣ ମତଦାତା ରହିଛନ୍ତି। ଗଣିଆ ବ୍ଲକରେ ୪୧, ନୂଆଗାଁ ବ୍ଲକରେ ୯୩ ଓ ଦଶପଲ୍ଲା ବ୍ଲକରେ ୧୦୦ ମତଦାନ କେନ୍ଦ୍ର ରହିଥିଲା। ସେଥିମଧ୍ୟରୁ ଗଣିଆ ବ୍ଲକରେ ୪ଟି ମଡେଲ



ମତଦାନ କେନ୍ଦ୍ର ସକ୍ଷୀ ବୁଥ, ୨ଟି ମିକ୍ସ ବୁଥ୍ ଓ ଗୋଟିଏ ୟୁଥ ବୁଥ ରହିଥିଲା। ନୂଆଗାଁ ବ୍ଲକରେ ୧୦ଟି ସଖୀ ବୁଥ, ୨୭ଟି ମିଳିତ ବୁଥ ଏବଂ ଗୋଟିଏ ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳିତ ବୁଥ୍ ରହିଥିଲା। ଏଥିସହ ଦଶପଲ୍ଲା ବ୍ଲକରେ ୭ଟି ସଖୀ ବୁଥ୍, ୩୬ଟି ମିଳିତ ବୁଥ ଏବଂ ୨ଟି ଗ୍ରିନ ବୁଥ କରାଯାଇଥିଲା। ମଧଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ରାଧାମୋହନ ଜୀଉ ଉଚ୍ଚ ବିଦ୍ୟାଳୟ ଇକୋ ଫ୍ରେଣ୍ଡ ବୁଥ୍ କରାଯାଇଥିଲା। ଦଶପଲ୍ଲା ବିଧାନସଭା ଆସନ ପାଇଁ ୮ ବିଧାୟକ ପ୍ରାର୍ଥୀ ଓ ୩ ସାଂସଦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ବିଜେଡିରୁ ରମେଶ ଚନ୍ଦ୍ର ବେହେରା, ବିଜେପିରୁ ରାଘବ ମଲ୍ଲିକ, କଂଗ୍ରେସରୁ ନକୁଳ ନାୟକ, ସ୍ୱାଧୀନ ପ୍ରାର୍ଥୀ ଇଂ. ରବୀନ୍ଦ୍ର ସେଠୀ, ଇନ୍ଦୁମତି ନାୟକ, ସନ୍ତୋଷ ନାୟକ, କାହ୍ନୁଚରଣ ନାୟକ ଏବଂ ସୁରଥ ନାଏକ ନିର୍ବାଚନ ଲଢ଼ିଛନ୍ତି। ସେହିପରି କନ୍ଧମାଳରୁ ସାଂସଦ ପ୍ରାର୍ଥୀ ଭାବେ ବିଜେଡିରୁ ଡ. ଅଚ୍ୟୁତାନନ୍ଦ ସାମନ୍ତ, କଂଗ୍ରେସରୁ ଅମିରଚାନ୍ଦ ନାୟକ, ବିଜେପିରୁ ସୁକାନ୍ତ ପାଣିଗ୍ରାହୀ ଲଢ଼ିଛନ୍ତି। ଭୋଟ୍ ଗ୍ରହଣ ଲାଗି ୩୬ ସେକ୍ଟର ମାଜିଷ୍ଟ୍ରେଟଙ୍କୁ ନିଯୁକ୍ତ କରାଯାଇଥିଲା। ୭ ସେକ୍ଟର ପୁଲିସ ଅଧିକାରୀ ଓ ସେମାନଙ୍କୁ ପରିଚାଳନା ପାଇଁ ୨ ସୁପରଭାଇଜିଂ ଅଫିସରଙ୍କୁ ନିଯୁକ୍ତ କରାଯାଇଥିଲା। ଉକ୍ତ ନିର୍ବାଚନମଣ୍ଡଳୀରେ ଜଣେ ସୁପରଭାଇଜିଂ ଅଫିସରଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ୭ ସେକ୍ସନ ଏସ୍‌ଏପିଙ୍କୁ ଷ୍ଟ୍ରାଇକିଂ ଫୋର୍ସ ଭାବେ ମୁତୟନ କରାଯାଇଥିଲା। ଦୁଇ କୁଇକ୍ ରେସପନ୍ସ ଟିମ ମୁତୟନ ରହିଥିଲେ। ଦୁଇ ସେକ୍ସନ ସିଏପିଏଫ୍‌ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ୬ ମୋଟର ସାଇକଲ ପାର୍ଟି ନିଯୁକ୍ତ ରହିବା ପୁଲିସ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରାଯାଇଥିଲା। ଏଥିସହ ୧୪୦ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବୁଥରେ କିଭଳି ଛାଇ ହେବ ଏବଂ ପିଇବା ପାଣିର ବ୍ୟବସ୍ଥା କରାଯିବ ସେନେଇ ବ୍ୟବସ୍ଥା କରାଯାଇଥିଲା। ଲୋକମାନେ ଧାଡ଼ିରେ ଆସି ଭୋଟର ପରିଚୟ ପତ୍ର ଦେଖାଇ ବୁଥରେ ଭୋଟ୍ ଦେଇଥିଲେ।



### ଶାରୀରିକ ବ୍ୟାୟାମ ପାଇଁ ପାଲଟିଛି ପ୍ରମୁଖ ସ୍ଥଳ

# ଓଡ଼ଗାଁ ମିନି ଷ୍ଟାଡିୟମରେ ଲାଗୁଛି ଭିଡ଼

ଓଡଗାଁ, ୨୦।୫(ସମିସ): ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ତାର ସଫଳତା ଅଜାଡ଼ି ଦେଇଥାଏ। ନୟାଗଡ଼ ଜିଲ୍ଲା ଓଡ଼ଗାଁ କଲେଜ ରୋଡ଼ ଥାନା ନିକଟରେ ଗଢ଼ି ଉଠିଥିବା ମିନି ଷ୍ଟାଡିୟମ ଏବେ ଶାରିରୀକ ବ୍ୟାୟାମ ପାଇଁ ଏକ ପ୍ରମୁଖ ସ୍ଥଳ ପାଲଟିଛି। ରବିବାର ଅପରାହ୍ନରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଖେଳାଳି ଭିନ୍ନ ଭିନ୍ନ ୮ଟି ଭାଗରେ ବିଭକ୍ତ ହୋଇ କ୍ରିକେଟ ଖେଳୁଥିବା ବେଳେ ସେହି ପଡ଼ିଆ ଭିତରେ ଅନ୍ୟ ଦୁଇଟି ଦଳ ଭଲିବଲ୍ ଏବଂ ଫୁଟବଲ ଖେଳୁଛନ୍ତି। ଏଥିସହିତ ପାର୍ଶ୍ୱରେ ଥିବା ମୁକ୍ତାକାଶ ବ୍ୟାୟାମ ଶାଳାରେ ବାଳକ ବାଳିକାଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ମହିଳା ପୁରୁଷମାନେ ବ୍ୟାୟମ ଜାରି ରଖିଥିବା ଦେଖିବାକୁ ମିଳୁଛି। ଏଠାରେ ପ୍ରତିବର୍ଷ ଜାତୀୟ ସ୍ତରୀୟ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେଉଥିବା ବେଳେ ରଘୁନାଥ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ୨୫ରୁ ୩୦ ଦଳଙ୍କ ମଧ୍ୟରେ ଏକାଧିକବାର କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥାଏ। ବାରମ୍ବାର ଖେଳ ପ୍ରତିଯୋଗିତା ଲାଗିରହିଥିବା ହେତୁ ମିନି ଷ୍ଟାଡିୟମରେ ସବୁବେଳେ ଗହଳଚହଳ ଲାଗିରହିଥାଏ। ଦୁଇ ପାର୍ଶ୍ୱରେ ବିଦ୍ୟାଳୟ, ସାମ୍ନା ପାର୍ଶ୍ୱରେ ଥାନା ଓ ସରକାରୀ ଅନୁଷ୍ଠାନ ରହିଥିବା ବେଳେ ଓଡ଼ଗାଁ ଏନ୍‌ଏସିର ଏକ ପ୍ରମୁଖ ସ୍ଥାନରେ ଥିବା ଷ୍ଟାଡିୟମଟି ସାଧାରଣ ଭାବେ ସୁରକ୍ଷା ଦୃଷ୍ଟିରୁ ସୁବିଧା ଜନକ ସ୍ଥିତିରେ ରହିଛି। ତେବେ ଏଠାରେ କମନ୍ ୟୁରନାଲ ଓ ଲାଟିନର ବ୍ୟବସ୍ଥା ନଥିବାରୁ ମୁକ୍ତାକାଶ ବ୍ୟାୟାମ ଶାଳାକୁ ଆସୁଥିବା ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ସମୟ ସମୟରେ ସମସ୍ୟା ସୃଷ୍ଟି ହେଉଛି। ପ୍ରଶାସନିକ ସ୍ତରରେ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହୋଇଛି।




### ସୃଜନିକା ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

ଭାପୁର, ୨୦।୫(ସମିସ): ନୟାଗଡ଼ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସୃଜନିକା ତରଫରୁ ଭାଷା, ସାହିତ୍ୟ ଓ ସଂସ୍କୃତିର ଉନ୍ମେଷ ପାଇଁ ଅହରହ ଉଦ୍ୟମ ଚାଲୁରହିଛି। ଏହି ଉପଲକ୍ଷେ ଭାପୁର ବଜାର ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରବିବାର ଏକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବ୍ଲକର ୩୩ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ କାମରାଜ ବରାଡ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଶିକ୍ଷକ ଦୁର୍ବାଶା ସାମଲ, ସମ୍ମାନିତ ଅତିଥି ଭାବେ ଦାମୋଦର ସାହୁ ଓ ପ୍ରାକ୍ତନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ସୃଜନିକା ଅନୁଷ୍ଠାନର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଓ ଉପସଭାପତି ନିଳୀମା ନନ୍ଦ ଯୋଗଦେଇଥିଲେ। ପ୍ରତିଯୋଗିତାରେ ସାଇସ୍ମୃତି ପଟ୍ଟନାୟକ, ସ୍ମୃତିମୟୀ ରାଉତ, ଶ୍ରେୟାଓଶି ସାହୁ, କରିନା ନାଥଶର୍ମା ଓ ଶୁଶ୍ରି ସଙ୍ଗୀତା ସେମିଫାଇନାଲକୁ ଉନ୍ନତି ହୋଇ ନୟାଗଡ଼ ଠାରେ ଆୟୋଜିତ ହେବାକୁ ଥିବା ମୁଖ୍ୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

**Format C-1**

*(for candidate to publish in Newspapers, TV)*

Declaration about criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **Rudra Pratap Maharathy**, At – Khorapada (Panidola) Po: Kanti, Pipili, Puri
Name of political party: **Biju Janata Dal**
*(Independent candidates should write "Independent" here)*
Name of Election: **Simultaneously, General Election - 2024**
*Name of Constituency: **110-Pipili A/c**

I **Rudra Pratap Maharathy** (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| SL No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | JMFC (Pipili) | GR Case No – 441/2008 | Final Report submitted | 147-Rioting, 341 – Wrongful Restraint, 323 – Voluntarily Causing Hurt, 294 – Obscene Acts & Songs, 379 – Theft, 506 – Criminal Intimidation, 109- Abatement, 149 – Unlawful Assembly. |
| 2 | JMFC (Pipili) | GR Case No – 582/2012 | Final Report submitted | 147 –Rioting, 148 – Rioting armed with a deadly weapon, 294 – Obscene Acts & Songs, 427- Mischief causing damage to the amount of Rs 50/-, 506 – Criminal Intimidation, 435 – Mischief by fire or Explosive Substance with intent to cause damage to an amount of Rs 100/-, 149 – unlawful Assembly, 9(b) I.E Act possessing, using, selling or transporting any explosive, Sec 25, 27 Arms Act – Any arms or Ammunition of any class or description in contravention of sec 11 & 5 of the Act. |
| 3 | JMFC (Pipili) | GR Case No – 581/2012 | Final Report submitted | 147 – Rioting, 148- Rioting armed with deadly weapon, 341 – Wrongful restraint, 323- Voluntarily Causing Hurt, 294 – Obscene Acts & Songs, 307- Attempt to Murder, 354 - Assault or use of Criminal force to a woman with intent to outrage her modesty. 395 – Dacoity, 427 – Mischief causing damage to the amount of Rs 50/-, 435 – Mischief by fire or explosive Substance with intent to damage one amount of Rs 100/- 506 – Criminal intimidation, 149 – Unlawful Assembly 9(b) I.E Act possessing, using, selling or transporting any explosive, Sec 25, 27 Arms Act – Any arms or Ammunition of any class or description in contravention of sec 11 & 5 of the Act. |

(B) Details about cases of conviction for criminal offences

| SL No. | Name of Court & date(s) of order(s) | Description of office(s) & punishment imposed | Maximum Punishment Imposed |
|---|---|---|---|
| | Nil | Nil | Nil |
| | Nil | Nil | Nil |
| | Nil | Nil | Nil |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd/- RUDRA PRATAP MAHARATHY**

### ବିଜେଡି ବିଧାୟକ ପ୍ରାର୍ଥୀ ଅରୁଣଙ୍କ ମାରାଥନ ପ୍ରଚାର

# ମାଗଣା ବିଜୁଳି ସହିତ ନବୀନ ବିକାଶ

ନୟାଗଡ଼, ୨୦।୫(ସମିସ): ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ ହେବ। ନୟାଗଡ଼ରେ ବିଜେଡି ବିଧାୟକ ପ୍ରାର୍ଥୀ ଡ. ଅରୁଣ କୁମାର ସାହୁ ପ୍ରଚାରକୁ ଜୋରଦାର କରିଛନ୍ତି। ନୟାଗଡ଼ ବ୍ଲକ ଅନ୍ତର୍ଗତ ହରିପୁର, ଯଦୁପୁର, ପୁରୁଷୋତ୍ତମପୁର, ପାଟଚଣ୍ଡିପ୍ରସାଦ, ଶ୍ୟାମାଘନପୁର ଏବଂ ନୟାଗଡ଼ ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ପ୍ରଚାର କରିଛନ୍ତି। ପୌର ପରିଷଦ ଅନ୍ତର୍ଗତ ହାଟପଦା ସାହି, ଆଖଣ୍ଡଳ ମନ୍ଦିର ସାହି, ରାମେଶ୍ୱର ସାହି ଓ ହରିଜନ ସାହିରେ ବିଭିନ୍ନ ଗ୍ରୀନ କ୍ୟାମ୍ପେନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଉଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତାକୁ ଦ୍ୱିଗୁଣିତ କରାଯାଇଛି। ଏଥିସହିତ ଆଗାମୀ ଦିନରେ ମାଗଣା ବିଜୁଳି ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ରାସ୍ତାଘାଟଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଶଙ୍ଖରେ ଆଶୀର୍ବାଦ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରି ସାରା ଭାରତବର୍ଷରେ ରେକର୍ଡ ସୃଷ୍ଟି କରିବା ପାଇଁ ବିଧାୟକ ପ୍ରାର୍ଥୀ ଅରୁଣ ସମସ୍ତଙ୍କୁ ଆହ୍ୱାନ ଦେଉଛନ୍ତି। ବିଜୁ ଜନତା ଦଳ ସରକାର ଗଠନ ପ୍ରଥମ ଦିନରେ ହିଁ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୧୦୦ ୟୁନିଟ ମାଗଣା ବିଜୁଳି ସମେତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସଂକଳ୍ପ ନିଆଯାଇଛି ବୋଲି ପ୍ରକାଶ କରିଛନ୍ତି। ଏଥି ସହିତ ଯୁବବର୍ଗଙ୍କ ପାଇଁ ଯୁବ ବଜେଟ ସହ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଅନେକ ଯୋଜନା ମୁଖ୍ୟମନ୍ତ୍ରୀ ପ୍ରସ୍ତୁତ କରିଥିବା କହିଛନ୍ତି। ୨୦୩୬ ମସିହା ବେଳକୁ ଓଡ଼ିଶା କିଭଳି ଅଗ୍ରଣୀ ରାଜ୍ୟରେ ପରିଣତ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ଅନେକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ପ୍ରଚାର କାର୍ଯ୍ୟକ୍ରମରେ ସମସ୍ତ ସାହି ବସ୍ତିରୁ ବିପୁଳ ସ୍ୱାଗତ କରାଯାଇଥିଲା। ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।



● ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ

# ପାଞ୍ଚ ପଞ୍ଚାୟତରେ ସାବିତ୍ରୀଙ୍କ ରୋଡ୍ ଶୋ’

ଭାପୁର, ୨୦।୫(ସମିସ): ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଭାପୁର ବ୍ଲକରେ ବିଧାୟିକା ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ସୋମବାର ଦିନ ପାଞ୍ଚ ପଞ୍ଚାୟତରେ ରୋଡ୍ ଶୋ’ କରିଛନ୍ତି। ଲୋକପ୍ରିୟ ସିନେ ତାରକାଙ୍କ ସହ ରୋଡ ଶୋ’ରେ ହଜାର ହଜାର ମହିଳା ଓ ପୁରୁଷ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ଧାନଚାଙ୍ଗଡା, ପଥରଚକଡା, ରାକମା, କଇଁଫୁଲିଆ ଓ ଭଗବାନପୁର ପଞ୍ଚାୟତରେ ରୋଡ ଶୋ’ ଆୟୋଜିତ ହୋଇଥିଲା। ସକାଳ ନଅଟାରେ ଧାନଚାଙ୍ଗଡା ପଞ୍ଚାୟତ ଗ୍ରାମରୁ ସାବିତ୍ରୀ ପ୍ରଧାନ, ବ୍ଲକ ସଭାପତି ଶିବପ୍ରସାଦ ଷଡଙ୍ଗୀ, ପଞ୍ଚାୟତ ସଭାପତି ପ୍ରଫୁଲ୍ଲ କୁମାର ଜାଲ, ସ୍ଥାନୀୟ ସରପଞ୍ଚ ଶୁଭସ୍ମିତା ବିଶ୍ୱାଳ, ସମାଜସେବୀ ମୁନା ବିଶ୍ୱାଳ, ଛାତ୍ର ସଭାପତି ଅଜିତ ମହାନ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସିନେ ତାରକା ପୁନମ ମିଶ୍ର, ଲିପ୍ସା ମିଶ୍ର, ରାଗିଣୀ ଓ ସ୍ୱରାଜ ଶୋଭାଯାତ୍ରାରେ ବୁଲିଥିଲେ। ଏହାପରେ ପଥରଚକଡା ପଞ୍ଚାୟତ ସରପଞ୍ଚ ଶିବାନୀ ଦାଶ, ସମିତି ସଭ୍ୟ ଦେବାର୍ଚ୍ଚନ ଡାଲୁଆ, ପଞ୍ଚାୟତ ସଭାପତି ସୁଦର୍ଶନ ଦାଶ ଓ ସମାଜସେବୀ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ମାଧପୁର ଓ ପଥରଚକଡା ଗ୍ରାମ ପରିକ୍ରମା କରିଥିଲେ। ରାକମା ପଞ୍ଚାୟତରେ ପଞ୍ଚାୟତ ବିଜେଡି ସଭାପତି ପଙ୍କଜ ପରିଡ଼ା, ସରପଞ୍ଚ ସନ୍ତୋଷୀ ବେହେରା, ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, କଇଁଫୁଲିଆ ପଞ୍ଚାୟତରେ ସଭାପତି ଜୟକୃଷ୍ଣ ଷଡ଼ଙ୍ଗୀ, ସରପଞ୍ଚ ରମେଶ ପ୍ରସାଦ ରାଉତ, ଭଗବାନପୁର ପଞ୍ଚାୟତ ସଭାପତି ଅପର୍ତ୍ତି ଦାସ, ସରପଞ୍ଚ ସୋନାଲିକା ଦାସ, ସମିତିସଭ୍ୟା ସୁଜାତା ନାୟକ, ସମାଜସେବୀ ବସନ୍ତ ନାୟକ, ପ୍ରମୋଦ କୁମାର ସାହୁଙ୍କ ସହ ହଜାର ହଜାର ଲୋକ ଯୋଗଦେଇଥିଲେ।



## ମନ୍ମଥ ଓ ପ୍ରଦୀପଙ୍କ ପ୍ରଚାର ଜୋର୍‌ଦାର୍

- ବିରୋଧୀ ଶିବିରରେ କମ୍ପନ



**ବେଗୁନିଆ, ୨୦।୫ (ପିଏନଏସ):** ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ପ୍ରଚାର ଓ ପ୍ରସାରକୁ ଜୋରଦାର ଭାବେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିଖି୍ କାର୍ଯ୍ୟକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରି ଏବେ ଶକ୍ତିଶାଳୀ ହେବାରେ ଲାଗି ପଡ଼ିଛନ୍ତି। ଯାହାକୁ ନେଇ ବିରୋଧି଼ ଦଳର ଶିବିରରେ ହୃଦକମ୍ପନ ସୃଷ୍ଟି ହୋଇ ସେମାନଙ୍କର ବିଜୟ ହାସଲ କରିବା ଆଶା ମଉଳିବାରେ ଲାଗି ପଡ଼ିଥିବାରୁ ବିଭିନ୍ନ ରଣନୀତି ଆପଣାଇବା ପାଇଁ ଯୋଜନା କରୁଛନ୍ତି। ସାଂସଦ ପ୍ରାର୍ଥୀ ମନ୍ମଥ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପଙ୍କ ସମର୍ଥନ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜନ ସାଧାରଣ ସ୍ୱତଃ ପ୍ରବୃତ୍ତ ଭାବେ ବିଜୟ ଲାଭ କରିବା ପାଇଁ ଆର୍ଶୀବାଦ ଦେବା ସହ ବିପୁଳ ପରିମାଣର ଜନ ସମର୍ଥନ ମିଳୁଥିବାର ଦେଖିବାକୁ ମିଳୁଛି। ସୋମବାର ପୂର୍ବାହ୍ନରେ ଗେଡ଼ିଆପଲ୍ଲୀ, ଧଳାପଥର, ସାଗୁର ଗାଁ ଓ ବୋଲଗଡ଼ ପଞ୍ଚାୟତରେ ଜୋନ ସ୍ତରୀୟ ଜନ ପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ ଓ ବିଜେଡିର ସାଙ୍ଗଠନିକ କର୍ମୀ ଓ ନେତା ଯୋଗ ଦେଇ ପ୍ରଚାର ହୋଇଥିଲା।

## ପୌରାଞ୍ଚଳରେ ବିଜେଡ଼ିର ନିର୍ବାଚନୀ ସଭା

# ଦୁଇଟି ଶଙ୍ଖରେ ଭୋଟ୍ ପାଇଁ ନିବେଦନ କଲେ ପ୍ରାର୍ଥୀ

**ଖୋର୍ଦ୍ଧା, ୨୦।୫ (ସମିସ)**

ପାଖେଇ ଆସୁଛି ନିର୍ବାଚନ। ପ୍ରଚାରକୁ ଆଉ ୩ଦିନ ହାତରେ ଥିବାବେଳେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ଘରକୁ ଘର ବୁଲି ପ୍ରଚାର କରିବା ସହ ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ କରି ନିଜ ସପକ୍ଷରେ ଭୋଟ ଦେବାକୁ ଭୋଟରଙ୍କୁ ଅନୁରୋଧ କରାଯାଉଛି। ଏହି କ୍ରମରେ ପ୍ରଚାର ପ୍ରସାରରେ ବିରୋଧିଙ୍କ ଠାରୁ ଆଗରେ ବିଜେଡି ଥିବାବେଳେ ଖୋର୍ଦ୍ଧା ପୌରପରିଷଦରେ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଓ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ପ୍ରତି ସମର୍ଥନ ଦିନକୁ ଦିନ ବଢ଼ିବାରେ ଲାଗିଛି।

ଖୋର୍ଦ୍ଧା ପୌରପରିଷଦର ୱାର୍ଡ ନଂ ୨୦ରେ କାଉନସିଲର ଅନିଲ ଅଗ୍ରୱାଲଙ୍କ ଉପସ୍ଥିତିରେ ବିଜେଡିର ବିଜେଡିର







ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତଥା ବେଗୁନିଆ ବିଧାୟକ ଓ ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ପାଇଁ ଆଶିର୍ବାଦ କରିବା ସହ ଶଙ୍ଖ ଚିହ୍ନରେ ଦୁଇଟି ଭୋଟ ଗୋଟିଏ ସାଂସଦ ମନ୍ମଥ ରାଉତରାୟଙ୍କ ପାଇଁ ଓ ଆଉ ଗୋଟିଏ ବିଧାୟକଙ୍କ ପାଇଁ ଦେବାପାଇଁ ନିବେଦନ କରିଛନ୍ତି।

ସେହିପରି ୨ନଂ ୱାର୍ଡ ରେ ବିଜୁ ପ୍ରେମୀ, ମା'ମାନେ ଓ ଯୁବଛାତ୍ରଙ୍କୁ ନେଇ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ପୌରପରିଷଦର ଗୁରୁଜଙ୍ଗ ସ୍ଥିତ ୪ଟି ୱାର୍ଡ ର ୧୬, ୧୭, ୧୮ ଓ ୧୯ନଂରେ ସମସ୍ତ କାଉନସିଲରଙ୍କ ଉପସ୍ଥିତିରେ ଅନ୍ୟ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଠାରେ ବିଧାୟକ ପ୍ରାର୍ଥୀ ଶ୍ରୀ ସାହୁ ନବୀନ ସରକାରଙ୍କ ଜନହିତକର ଯୋଜନା ଏବଂ ନବୀନ ଗ୍ୟାରେଣ୍ଟି ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ। ବୈଠକରେ ସ୍ଥାନୀୟ କାଉନସିଲରଙ୍କ ସମେତ ସମସ୍ତ କର୍ମୀ ଉପସ୍ଥିତ ଥିଲେ।

## କାଳୁ ଖଣ୍ଡେୟତରାୟଙ୍କ ବାଇକ୍ ଶୋଭାଯାତ୍ରା



**ଖୋର୍ଦ୍ଧା, ୨୦।୫ (ସମିସ):** ଖୋର୍ଦ୍ଧା ବିଧାନସଭା ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡେୟତରାୟ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। ତାଙ୍କ ଚିହ୍ନ ବାଲ୍ଟି ଧରି ସେ ଭୋଟରଙ୍କ ନିକଟତର ହୋଇ ଭୋଟ ଭିକ୍ଷା କରୁଛନ୍ତି। ସୋମବାର ଅପରାହ୍ନରେ ସ୍ଥାନୀୟ ମୁକୁନ୍ଦପ୍ରସାଦସ୍ଥିତ ଗୋସାଲା ପଡ଼ିଆଠାରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରି ପୌରପରିଷଦର ୧, ୨, ୩, ୨୧ ଓ ୨୨ ନଂ ୱାର୍ଡରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଶୋଭାଯାତ୍ରା ମୁକୁନ୍ଦପ୍ରସାଦ ପେଟ୍ରୋଲ ପମ୍ପ ନିକଟରେ ଶେଷ ହୋଇଥିଲା। ଶ୍ରୀ ଖଣ୍ଡେୟତରାୟଙ୍କ ପାଇଁ ଆଜି ୟୁଟ୍ୟୁବର କାଳିଆ ଷଣ୍ଢ ଓ ସିରିଏଲ ଅଭିନେତ୍ରୀ ପ୍ରଜ୍ଞା ପ୍ରଧାନ ପ୍ରଚାରରେ ସାମିଲ ହୋଇ ବାଲ୍ଟି ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଖୋର୍ଦ୍ଧାରେ ବହୁ ରାଷ୍ଟ୍ରାୟତ ଶିଳ୍ପାନୁଷ୍ଠାନ ରହିଥିବାବେଳେ ଏଥିରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି, ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। କାଳୁଙ୍କ ବାଇକ ଶୋଭାଯାତ୍ରାରେ ହଜାର ହଜାର ଶୁଭେଚ୍ଛୁ ସ୍ୱତଃପ୍ରବୃତଭାବେ ସାମିଲ ହୋଇଥିଲେ। କାଳୁଙ୍କ ବିଶାଳ ବାଇକ୍ ରାଲି ବିଜେପି ପ୍ରାର୍ଥୀଙ୍କ ନିଦ ହଜାଇଥିବା ଚର୍ଚ୍ଚା ହେଉଛି।

## ବିଜେଡିର ମାରାଥନ ପ୍ରଚାର



**କାଳୁପଡ଼ାଘାଟ, ୨୦।୫ (ସମିସ):** ଗାଁ ଗାଁରେ ଏବେ ନିର୍ବାଚନ ତାତି ଦେଖିବାକୁ ମିଳିଛି। ଶାସକ ଦଳ ଠାରୁ ଆରମ୍ଭ କରି ବିରୋଧୀ ଦଳ ମଧ୍ୟ ପ୍ରଚାର କାର୍ଯ୍ୟରେ ଜି ଜାନ ଲଗାଇ ଦେଇଛନ୍ତି। ବିରୋଧୀ ସମସ୍ତ ପ୍ରକାର ଅପଚେଷ୍ଟା କରୁଛନ୍ତି। ପ୍ରଚାରକୁ ଜୋରଦାର କରିବା ପାଇଁ ଦିନେ ନାହିଁ କାଳେ ନାହିଁ ଗହ୍ଳା ପୁନେଇଁରେ ମାଇଁ ମାଇଁ ନୀତିରେ ବାହାର ରାଜ୍ୟର ମୁଖ୍ୟ ମନ୍ତ୍ରୀମାନଙ୍କୁ ଡାକି ଆଣୁଛନ୍ତି ଓଡ଼ିଶା ପ୍ରଦେଶକୁ। କିନ୍ତୁ ଏହାର ପ୍ରଭାବ ଓଲଟା ଦେଖିବାକୁ ମିଳୁଛି। ଗାଁଗାଁରେ ମହିଳାମାନେ ସେମାନଙ୍କୁ ବିଦେଶୀ କହି ଘଉଡାଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଚିଲିକା ବିଧାନ ସଭାକ୍ଷେତ୍ରରେ। ମାନସିଂପୁର ଗ୍ରାମରେ ରବିବାର ରାତିରେ ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ପ୍ରଚାର କାର୍ଯ୍ୟରେ ମାନସିଂ ପୁର ଗ୍ରାମକୁ ଯାଇଥିବା ବେଳେ ଗାଁର ସହ ସହ ମହିଳା ବିଜେଡି ମୁଖିଆ ନବୀନ କିଭଳି ସେମାନଙ୍କ ପାଇଁ ସବୁ କିଛି କରିଛନ୍ତି ତାହାର ଚିତ୍ର ବଖାଣୁଛନ୍ତି। ଆମଭୋଟ କେବଳ ନବୀନ ପାଇଁ ବୋଲି ଗାଁର ବୟସ୍କ ମହିଳାମାନେ କହିଛନ୍ତି।

## ବିଜେଡିର ସାଂଗଠନିକ କର୍ମୀ ସମ୍ମିଳନୀ

**ବେଗୁନିଆ, ୨୦।୫ (ସମିସ):** ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ଗ୍ରାମସ୍ଥିତ ମା'ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଭୁବନେଶ୍ୱର ସାଧାରଣ ସମ୍ପାଦକ ଶ୍ରୀକାନ୍ତ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ବିଜେଡିର ସାଂଗଠନିକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜେଡି କର୍ମୀ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଜନସାଧାରଣଙ୍କ ପ୍ରଗତି ପାଇଁ ବିଭିନ୍ନ ଲୋକଭିମୁଖି କାର୍ଯ୍ୟ କରି ଦେଶରେ ଏକ ନମ୍ବର ରାଜ୍ୟ ଭାବେ ପରିଗଣିତ ହୋଇଛି। ତେବେ ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ ଓ ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଟାଣ କରିବା ପାଇଁ ନିବେଦନ କରିଛନ୍ତି। ଏହି ଅବସରରେ ବିଜେଡ଼ିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

## ଗଞ୍ଜେଇ ଜବତ; ବେପାରୀ ଗିରଫ

**କାଳୁପଡ଼ାଘାଟ, ୨୦।୫ (ସମିସ):** ଚାନ୍ଦପୁର ପୁଲିସ ଶନି ମନ୍ଦିର ଓଭର ବ୍ରିଜ ନିକଟରେ ଯାନ ବାହନ ତନଖି କରୁଥିବା ବେଳେ ଗୋଟିଏ ବାଇକ୍, ୫ କେଜି ଗଞ୍ଜେଇ ଜବତ ସହ ଜଣେ ଗିରଫ କରିଛି। ଗିରଫ ଅଭିଯୁକ୍ତ ସୁଦର୍ଶନ ବେହେରା (୩୫) ଘର ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ମଧୁବନ ସାହିରେ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଜଣକ ରଣପୁରରୁ ଚାନ୍ଦପୁର



ବାଇକ୍‌ରେ ଆସୁଥିବା ବେଳେ ଚାନ୍ଦପୁର ପୁଲିସ ଗିରଫ କରିଛି। ଆଇଆଇସି ଜଗଦୀଶ ଚନ୍ଦ୍ର କରଙ୍କ ନେତୃତ୍ୱରେ ଯାନ ବାହନ ତନଖି ହେଉଥିଲା।

## ରାସ୍ତାକଡ଼ରୁ ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

**ବାଲୁଗାଁ, ୨୦।୫ (ସମିସ):** ୧୬ ନଂ ଜାତୀୟ ରାଜପଥର ନାଚୁଣୀ ଥାନା ଅନ୍ତର୍ଗତ ବରଡ଼ି ଛକର ଅନତି ଦୂର ରାସ୍ତାପାର୍ଶ୍ୱ ଏକ ଜମିରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି। ନାଚୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ଜାତୀୟ ରାଜପଥର ବରଡ଼ି ଛକ ଓ ସରଳସିଂ ମଧ୍ୟ ରାସ୍ତା ପାର୍ଶ୍ୱରେ ଗଳିତ ଶବ ପଡ଼ି ଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ନାଚୁଣୀ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା ସଦଳବଳେ ପହଞ୍ଚି ଶବଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଶବଟି ବହୁଦିନ ହେବ ସେଠାରେ ପଡ଼ିରହି ପଚି ଯାଇ ଦୁର୍ଗନ୍ଧ ହେଉଛି। ଶବ ଚିହ୍ନଟ ହୋଇପାରି ନଥିବା ସ୍ଥଳେ ଏନେଇ ନାଚୁଣୀ ଥାନାରେ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ସାଧାରଣ ପର୍ଯ୍ୟବେକ୍ଷକଙ୍କ ଏମ୍‌ସିଏମସି କେନ୍ଦ୍ର ପରିଦର୍ଶନ

**ଖୋର୍ଦ୍ଧା, ୨୦।୫ (ସମିସ):** ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା ବିଧାନସଭା କ୍ଷେତ୍ର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଟିଭି. ସୁଭାଷ ସୋମବାର ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ସେଠାରେ ଚାଲୁଥିବା ଏମ୍‌ସିଏମସି ତଥା ମିଡିଆ ସାର୍ଟିଫିକେସନ ଆଣ୍ଡ ମନିଟରିଂ କମିଟି କେନ୍ଦ୍ରକୁ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ପ୍ରିଣ୍ଟ ମିଡିଆ, ଇଲେକ୍ଟ୍ରୋନିକ ମିଡିଆ, ସୋସିଆଲ ମିଡିଆରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକଙ୍କୁ ନିୟମିତ ପ୍ରଦାନ କରାଯାଉଥିବା ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ପ୍ରିଣ୍ଟ, ଇଲେକ୍ଟ୍ରୋନିକସ ଚାନେଲ ଓ ସୋସିଆଲ ମିଡିଆକୁ ନିୟମିତ ଅନୁଧ୍ୟାନ କରି ପେଡ ନିଉଜ ଉପରେ ଇସିଆଇର ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣି ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର ପ୍ରଧାନ ଟୁଲି ଆମ୍ମା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଓ ଅନ୍ୟ କର୍ମଚାରୀ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିବା ସହ ଏମସିଏମସିର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ।



ପରିଦର୍ଶନ ସମୟରେ ପର୍ଯ୍ୟବେକ୍ଷକଙ୍କ ସହ ଇଂ.ଶିବଲାଲ ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ସୁଭାଷ ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଚିଲିକା, ନୟାଗଡ଼ ଓ ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟ ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ କରୁଛନ୍ତି।

## ଖୋର୍ଦ୍ଧା କପ୍ ଉଦ୍‌ଯାପିତ

**ଖୋର୍ଦ୍ଧା, ୨୦।୫ (ସମିସ):** ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଖୋର୍ଦ୍ଧା କ୍ରିକେଟ ଆନୁକୂଲ୍ୟରେ ଖୋର୍ଦ୍ଧା କପ୍-୨୦୨୪ ଟେନିସ ବଲ୍ ହଙ୍ଗାମା ସଫଳତାର ସହିତ ଶେଷ ହୋଇଛି। ଏଥିରେ ପୌରପରିଷଦ ର ୨୪ଟି ଦଳ ଭାଗ ନେଇଥିଲେ। ତିନୋଟି ଗ୍ରୁପ୍‌ରେ ଖେଳ ହୋଇଥିଲା। ଗ୍ରୁପ୍ ଚାମ୍ପିଅନ ଟିମ୍ ମାନେ ହେଲେ ୱାର୍ଡ ୨୧, ୱାର୍ଡ଼ ୧୩, ୱାର୍ଡ଼ ୧୬ ଏବଂ ସୁପର ଥ୍ରି ମଧ୍ୟରେ ପରସ୍ପର ସହିତ ଖେଳିଥିଲେ। ୱାର୍ଡ଼ ୧୩ ଚାମ୍ପିଅନ, ୱାର୍ଡ଼ ୧୬ ପ୍ରଥମ ରନର୍ସ ଅପ୍ ଏବଂ ୱାର୍ଡ଼ ୨୧ ଦ୍ୱିତୀୟ ରନର୍ସ ଅପ ହୋଇଥିଲେ। ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ଜିତେନ୍ ଜେନା, ବେଷ୍ଟ ବୋଲର ଭାବେ ଭବାନୀ ମହାନ୍ତି ଓ ଇମର୍ଜିଂ ଖେଳାଳି ଭାବେ ବିକାଶ କୁମାର ବେହେରା ପୁରସ୍କୃତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ୍ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଖୋର୍ଦ୍ଧା ପୌରପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଯୁବ ସମାଜସେବୀ ଭବାନୀଶଙ୍କର ପଣ୍ଡା, ଚଣ୍ଡୀପ୍ରସାଦ ଆଚାର୍ଯ୍ୟ, ଆଇନଜୀବୀ ଅବ୍ୟକ୍ତ ହରିହର ଖାଡଙ୍ଗା, ସମାଜସେବୀ ତଥା ବିଜେଡି ଗଣମାଧ୍ୟମ ଜିଲ୍ଲା ସଂଯୋଜକ ଲଳିତ ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏହି ଖେଳ ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।





# ନିର୍ବାଚନ ଲାଗି ପୁଲିସର ଫ୍ଲାଗ୍‌ମାର୍ଚ୍ଚ





**ଖୋର୍ଦ୍ଧା, ୨୦।୫ (ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହିତ ଶେଷ କରିବା ପାଇଁ ସଦରଥାନା ଅଞ୍ଚଳରେ ପୁଲିସ ଫ୍ଲାଗମାର୍ଚ୍ଚ କରିଛି। ସନ୍ଧ୍ୟାରେ ସଦରଥାନା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଥାନା କର୍ମଚାରୀ ଓ ସୁରକ୍ଷା ବାହିନୀ କର୍ମୀ ଶରଧାପୁର ଓ ବ୍ରଜମୋହନପୁର ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଛନ୍ତି। ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନ ଆସନ୍ତା ମେ ୨୫ରେ ସୁରୁଖୁରୁରେ ଯେପରି ନିର୍ବାଚନ ହୋଇପାରିବ ଏବଂ ସାଧାରଣ ଜନତା ନିଜ ନିଜର ମତଦାନ ବିନା କୌଣସି ବାଧାବିଘ୍ନରେ କରିବେ ସେ ନେଇ ପୁଲିସ ପକ୍ଷରୁ ନଜର ରଖାଯାଇଛି। ଶୃଙ୍ଖଳିତ ନିର୍ବାଚନ ଲାଗି ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୁଲିସ କହିଛି।

**ବାଣପୁର:** ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ପୁରୀ ଲୋକସଭା ସାଂସଦକ୍ଷେତ୍ର ସହ ଚିଲିକା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୫ ତାରିଖରେ ମତଦାନ ହେବ। ପୁଲିସ ପ୍ରାକ ନିର୍ବାଚନ ହିଂସାକୁ ରୋକିବା ପାଇଁ ବହୁ ସତର୍କତା ଅବଲମ୍ବନ କରି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରୁଛି। ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ଅବିନାଶ କୁମାରଙ୍କ ନେତୃତ୍ୱରେ ବାଣପୁରରେ ପୁଲିସ ପକ୍ଷରୁ ଥାନା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ବାଣପୁର ପୁଲିସ ତରଫରୁ ଥାନା ଠାରୁ ବାହାରି ମୁଖ୍ୟ ବଜାର ପରିକ୍ରମାକରି ପଲଟଣ ପଡ଼ିଆ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ କରାଯିବା ସହ ନିର୍ଭୟରେ ମତଦାନ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ସଚେତନତା କରିଛି ପୁଲିସ। ଫ୍ଲାଗମାର୍ଚ୍ଚରେ ଏସ୍‌ପିଙ୍କ ସମେତ ୩ ଜଣ ଅତିରିକ୍ତ ଏସପି, ୪ ଜଣ ଉପ ଅଧିକ୍ଷକ, ୬ ଜଣ ଡିଏସପି, ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା, ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ାଙ୍କ ସମେତ ୭ ଜଣ ଇନ୍ସପେକ୍ଟର ଓ ଏକାଧିକ ପ୍ଲାଟୁନ ପୁଲିସ ଫୋର୍ସ ସାମିଲ ଥିଲେ।

## ଯୁବନେତା ସମ୍ମିମ୍‌ଙ୍କୁ ନୂତନ ଦାୟିତ୍ୱ



**ବାଣପୁର, ୨୦।୫ (ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ନଜରରେ ରଖି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳସ୍ତରରୁ ଆହୁରି ସୁଦୃଢ଼ କରିବା ଲାଗି ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ଅଧିନ ବାଣପୁର ଏନ୍‌ଏସିର ଜଣେ ଆଗଧାଡିର ଯୁବ ନେତା ସମ୍ମିମ୍‌ଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ ବିବୃତ୍ତି ଜରିଆରେ ବାଣପୁର ଏନ୍‌ଏସି ବିଜେଡିର ଜଣେ ଯୁବ ନେତା ତଥା ବର୍ତ୍ତମାନର କାଉନସିଲର ସମ୍ମିମ୍ ଉଦିନ ଖାଁଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜୁ ଯୁବ ଜନତା ଦଳର ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ସମ୍ମିମ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ, ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ସମେତ ବିଜେଡିର ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପରାଜୟ ଭୟରେ ସାରା ରାଜ୍ୟରେ ଗୁଣ୍ଡାଗର୍ଦ୍ଦି ଚଳାଇଛି ବିଜେପି

**ଭୁବନେଶ୍ୱର, ୨୦।୫(ସମିସ):** ବରଗଡ଼ରେ ବ୍ୟକ୍ତିଗତ କାରଣ ପାଇଁ ଛୁରାମାଡ଼ ଘଟଣା ଘଟିଛି। କିନ୍ତୁ ବିଜେପି ଏହାକୁ ରାଜନୈତିକ ରଙ୍ଗ ଦେଇ ବିଜେଡି ମୁଣ୍ଡରେ ଅଠା ବୋଳିବା ଉଦ୍ୟମ କରିଛି। ଏ ସମ୍ପର୍କରେ ବିଜେଡି ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବିଜେଡି ପକ୍ଷରୁ କୁହାଯାଇଛି ଯେ ବରଗଡ଼ ସଦର ଥାନା ଅଞ୍ଚଳରେ ଅଶୋକ ମହାନନ୍ଦ ନାମକ ଜଣେ

**ସିଇଓଙ୍କୁ ଫେରାଦ ହୋଇ କଠୋର କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି**

ବ୍ୟକ୍ତି ବିଶ୍ୱନାଥ ମିର୍ଦ୍ଧାଙ୍କୁ ଛୁରା ମାଡ଼ କରିଥିଲେ। ଅନୁସନ୍ଧାନ ପରେ ଏହା ସ୍ପଷ୍ଟ ହୋଇଛି ଯେ ନିଶାସକ୍ତ ଅବସ୍ଥାରେ ଦୁହେଁ ବ୍ୟକ୍ତିଗତ କାରଣ ପାଇଁ ଝଗଡ଼ା କରିଥିଲେ ଆଉ ପରେ କଥା ଛୁରାମାଡ଼ ପର୍ଯ୍ୟନ୍ତ ଯାଇଥିଲା। ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। କିନ୍ତୁ ତା ଠାରୁ ବଡ଼ ଦୁର୍ଭାଗ୍ୟ ହେଉଛି ଯେ ବିଜେପି ନେତା ଏହାକୁ ରାଜନୈତିକ ରଙ୍ଗ ଦେବାକୁ ହୀନ ଉଦ୍ୟମ କରୁଛନ୍ତି।

ସେହିପରି କନ୍ଧମାଳ ବିଧାନସଭା କ୍ଷେତ୍ରରେ ବିଜେପି ବିଧାୟକ ପ୍ରାର୍ଥୀ ସରୋଜ କୁମାର ପ୍ରଧାନଙ୍କ ସମର୍ଥକମାନେ ବୁଥ୍ ଜବରଦଖଲ ଉଦ୍ୟମ କରିଥିଲେ। ସେହିପରି ସୁନ୍ଦରଗଡ଼ ବିଜେପି ବିଧାୟକ ପ୍ରାର୍ଥୀ କୁସୁମ ଟେଟେ ଆଜି ୭ ନଂ ୱାର୍ଡରେ ଜନସାଧାରଣଙ୍କୁ ଧମକ ଚମକ ଦେଇଥିଲେ। ବିଜେପିକୁ ସମର୍ଥନ ନ କଲେ ପରିସ୍ଥିତି ଭୟାବହ ହେବ ବୋଲି ସେମାନେ ଧମକ ଦେଇଥିବା ବିଜେଡି ଅଭିଯୋଗ କରିଛି। ଅପରପକ୍ଷେ ପରାଜୟ ଭୟରେ ଟିଟିଲାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ ବାରମ୍ବାର ବିଜେଡି ସମର୍ଥକମାନଙ୍କୁ ଧମକ ଦେଇ ଚାଲିଛନ୍ତି। ଅତାବିରା ନିର୍ବାଚନମଣ୍ଡଳୀରେ ବିଜେପି କର୍ମୀମାନେ ଦିବ୍ୟାଙ୍ଗ ଭୋଟରମାନଙ୍କୁ ଧମକ ଦେବା ସହିତ ବିଜେପି ସପକ୍ଷରେ ଭୋଟ ଦେବା ପାଇଁ ଚାପ ପକାଉଥିବା ବିଜେଡି ଅଭିଯୋଗ କରିଛି। ଆଇନପାଲି ପଞ୍ଚାୟତ ଅନ୍ତର୍ଗତ ବାରଗାଁରେ, ସେଲାପାଲିରେ ମଧ୍ୟ ବିଜେପି ସମର୍ଥକମାନେ ବିଜେଡି କର୍ମୀଙ୍କୁ ଧମକ ଦେବା ସହିତ ଭୟାବହ ପରିସ୍ଥିତି ହେବ ବୋଲି କହିଛନ୍ତି। ବଡ଼ମ୍ବା ବିଜେପି ବିଧାୟକ ପ୍ରାର୍ଥୀ ରତ୍ନାକର ପାଣିଗ୍ରାହୀ ଗତ ୧୭ ତାରିଖରେ ନିଜ ସମର୍ଥକଙ୍କ ଜରିଆରେ ବିଜେଡି ପ୍ରଚାର ଗାଡ଼ି ଭଙ୍ଗାରୁଜା କରିବା ବିଜେଡି ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ର ଏବଂ ବିଜେଡି କର୍ମୀଙ୍କ ଉପରେ ଉପରେ ଆକ୍ରମଣ କରିଥିଲେ। ସେହିପରି ଗତ ମଧ୍ୟରାତ୍ରିରେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୟାପଲ୍ଲୀ ଗଡ଼ସାହିରେ ବିଜେଡି କାର୍ଯ୍ୟାଳୟ ଉପରେ ବୋମାମାଡ଼ କରିଥିଲେ। ତେଣୁ ବିଜେପିର ଏହି ଗୁଣ୍ଡାଗର୍ଦ୍ଦି ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ବିଜେଡି ପକ୍ଷରୁ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ରଙ୍କ ସମେତ ଡ଼ ପ୍ରିୟବ୍ରତ ମାଝୀ, ମିହିର ରାୟ, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

■ ରକ୍ତମୁଖା ସାଜିଛନ୍ତି ବିଜେପି ନେତା

## ପଦ୍ମପୁରରେ ଗ୍ରାମବାସୀଙ୍କ ଉପରେ ମରଣାନ୍ତକ ଆକ୍ରମଣ



**ଭୁବନେଶ୍ୱର, ୨୦।୫(ସମିସ):** ରାଜ୍ୟରେ ଆତଙ୍କ ଖେଳାଇଛନ୍ତି ବିଜେପି ନେତା। ସମର୍ଥନ ଦେବା ପାଇଁ ଧମକ ଦେଉଛନ୍ତି, ଲୋକଙ୍କୁ ଅପହରଣ କରୁଛନ୍ତି ଆଉ ମରଣାନ୍ତକ ଆକ୍ରମଣ ମଧ୍ୟ କରୁଛନ୍ତି। ସାରା ରାଜ୍ୟରୁ ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ନେଇ ଆସୁଛି ଅଭିଯୋଗ। ଏହି କ୍ରମରେ ପଦ୍ମପୁର ବିଜେପି ବିଧାନସଭା ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ନିଜ ସମର୍ଥକଙ୍କୁ ଲଗାଇ ସାଧାରଣ ଲୋକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ କରିଛି ବିଜେଡି। ଅଭିଯୋଗ ଅନୁସାରେ ଆଜି ସର୍ଗିବାହାଲ ପଞ୍ଚାୟତରେ ଦୟାନିଧୀ ସୁନାଙ୍କୁ ବିଜେପି କର୍ମୀମାନେ ପ୍ରବଳ ମାଡ଼ ମାରିଥିଲେ। ଏଥିରେ ଶ୍ରୀ ସୁନା ଗୁରୁତର ଆହତ ହୋଇଛନ୍ତି। ମତଦାନ କେନ୍ଦ୍ର ନିକଟରେ ଏହି ଘଟଣା ଘଟିଥିଲା। ଆକ୍ରମଣ କରିଥିବା ବିଜେପି କର୍ମୀମାନେ ହେଉଛନ୍ତି ବିଜେପି ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ। ରାଜ୍ୟରେ ସ୍ୱଚ୍ଛ ଓ ଭୟମୁକ୍ତ ନିର୍ବାଚନ ହେଉ ବୋଲି ବିଜେପି ଚାହୁଁ ନାହିଁ। ତେଣୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ର, ମିହିର ରାୟ, ତୁମ୍ବନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ସୋଫିଆ ଆଲାମ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।

## ବୁଥ୍ ଜବରଦଖଲ କଲେ କନ୍ଧମାଳ ବିଜେପି ପ୍ରାର୍ଥୀ

**ଭୁବନେଶ୍ୱର, ୨୦।୫(ସମିସ):** କନ୍ଧମାଳ ବିଜେପି ବିଧାୟକ ପ୍ରାର୍ଥୀ କହ୍ନାଇ ଚରଣ ଡାଙ୍ଗଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଛି। ଶ୍ରୀ ଡାଙ୍ଗ ଏବଂ ତାଙ୍କ ସମର୍ଥକମାନେ ଗଣ୍ଡଗୋଳ କରିବା ସହ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଏପରିକି ପୁଲିସ ମଧ୍ୟ ସେମାନଙ୍କ ଆକ୍ରମଣରୁ ବର୍ତ୍ତି ପାରିନାହିଁ। ସେମାନେ ରାସ୍ତାରୋକ କରିବା ସହ ପୁଲିଂ ପାର୍ଟିକୁ ଯିବାକୁ ଦେଇ ନଥିଲେ। ବୌଦ୍ଧ ବ୍ଲକ ରକ୍ସା ପଞ୍ଚାୟତର ମହେଶ୍ୱରପିଣ୍ଡା ବୁଥ୍ ନଂ-୨୮ରେ ସାନି ନିର୍ବାଚନ ପାଇଁ



- ପୁନଃମତଦାନ ନିର୍ଦ୍ଦେଶ ପରେ ରକ୍ତମୁଖା
- ପୁଲିଂ କର୍ମଚାରୀ ଓ ପୁଲିସ ଉପରେ କଲେ ଆକ୍ରମଣ
- କାର୍ଯ୍ୟାନୁଷ୍ଠାନ ହେଉ, ସୁରକ୍ଷା ବଢ଼ାଯାଉ

ଭାରତୀୟ ନିର୍ବାଚନ କମିସନ ନିର୍ଦ୍ଦେଶ ଦେବା ପରେ ଏଥିରେ ଉତ୍କ୍ଷିପ୍ତ ହୋଇ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଡାଙ୍ଗ ଏବଂ ତାଙ୍କ ସମର୍ଥକମାନେ ଏପରି ଗୁଣ୍ଡାଗର୍ଦ୍ଦି ଆରମ୍ଭ କରିଥିଲେ। ଏନେଇ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବା ସହ ଶ୍ରୀ ଡାଙ୍ଗ ଓ ତାଙ୍କ ସମର୍ଥକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରଯାଇଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ଶ୍ରୀ ଡାଙ୍ଗ ଏବଂ ବିଜେପି କର୍ମୀମାନେ ୨୮ନମ୍ବର ବୁଥ୍‌ରେ ପଶି ଜବରଦଖଲ ଉଦ୍ୟମ କରିଥିଲେ। ସେଥିପାଇଁ ନିର୍ବାଚନ କମିସନ ସେହି ବୁଥ୍‌ରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସେମାନେ ଏଥିରେ ଏତେମାତ୍ରାରେ ଉତ୍କ୍ଷିପ୍ତ ହୋଇଯାଇଥିଲେ ଯେ ସେମାନେ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହିତ ରାସ୍ତାରୋକ କରିଥିଲେ। ପୁଲିସ ଏଥିରେ ହସ୍ତକ୍ଷେପ କରିବାରୁ ସେମାନେ ପୁଲିସ ଉପରକୁ ଢେଲାପଥର ମାଡ଼ କରିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ସିଆରପିଏଫ୍ ଲାଠିଚାର୍ଜ କରିବାକୁ ବାଧ ହୋଇଥିଲା। ନିର୍ବାଚନରେ ହିଂସାକାଣ୍ଡ ଘଟାଇବା, ବୁଥ୍ ଜବରଦଖଲ କରୁଥିବା ବିଜେପି ବିଧାୟକ ପ୍ରାର୍ଥୀ ତଥା ସେମାନଙ୍କ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆବଶ୍ୟକ। ଆସନ୍ତାକାଲି ଏହି ବୁଥ୍‌ରେ ସାନି ମତଦାନ ହେଉଥିବା ବେଳେ ଭୋଟରମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ତେଣୁ ଏହି ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରାଯିବା ମଧ୍ୟ ଜରୁରୀ ବୋଲି ବିଜେଡି କହିଛି।

ଆଜି ରାତିରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ସୋଫିଆ ଆଲାମ, ଇପ୍ସିତା ସାହୁ, ମିହିର ରାୟ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ସମ୍ବିତ ପାତ୍ରଙ୍କ 'ମୋଦୀଙ୍କ ଭକ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ' ଟିପ୍ପଣୀକୁ ଜାତୀୟ ନେତାଙ୍କ ନିନ୍ଦା**

## ଓଡ଼ିଆ ଅସ୍ମିତା ପ୍ରତି ପ୍ରଚଣ୍ଡ ଆକ୍ରମଣ: କଂଗ୍ରେସ

**ଭୁବନେଶ୍ୱର,୨୦।୫(ସମିସ):** କୋଟିକୋଟି ହିନ୍ଦୁ ଧର୍ମାବଲମ୍ବୀଙ୍କ ଆସ୍ଥାର ପ୍ରତୀକ, ଆରାଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ସଂକ୍ରାନ୍ତରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ନକାରାତ୍ମକ ଟିପ୍ପଣୀକୁ ନେଇ ସାରା ଦେଶରେ ସୃଷ୍ଟି ହୋଇଛି ଝଡ଼। ସାମାଜିକ ଗଣମାଧ୍ୟମରେ ବିଜେପି ଓ ଏହାର ନେତାଙ୍କୁ ତୀବ୍ର ସମାଲୋଚନା କରାଯାଉଛି। ରାଜ୍ୟ କଂଗ୍ରେସ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରିଛି। ବିଜେପି ନେତାମାନେ ମହାପ୍ରଭୁଙ୍କୁ

- ■ ପାପ ଲଙ୍କାର ପତନ ସମୟ ଉପନୀତ: ରାହୁଲ
- ■ ମହାପ୍ରଭୁ ଜଗନ୍ନାଥଙ୍କୁ ଚରମ ଅସମ୍ମାନ: ଟିଏମ୍‌ସି
- ■ ବିଜେପି ଅହଂକାରର ସବୁ ସୀମା ଟପିଯାଇଛି: ଆପ୍
- ■ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଝଡ଼

ମୋଦୀଙ୍କ ଭକ୍ତରେ ପରିଣତ କରି ଓଡ଼ିଆ ଅସ୍ମିତାକୁ ପ୍ରଚଣ୍ଡ ଆଘାତ ଦେଇଛନ୍ତି ବୋଲି ରାଜ୍ୟ କଂଗ୍ରେସ କହିଛି। ଏପରି ଅହଂକାରୀ ଓ ଅଶାଳୀନ ମନ୍ତବ୍ୟ ପାଇଁ ସମ୍ବିତ ପାତ୍ର ଜାତୀୟ ଗଣମାଧ୍ୟମ ଓ ଓଡ଼ିଶାବାସୀଙ୍କ ନିକଟରେ ହାତ ଯୋଡ଼ି କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ଅତ୍ୟନ୍ତ କଡ଼ା ଶବ୍ଦରେ ସମାଲୋଚନା କରିଛନ୍ତି। ବିଜେପି ନେତାଙ୍କ ଏହି ଅହଂକାର ତାଙ୍କ ପତନର କାରଣ ହେବ। କୋଟିକୋଟି ଲୋକଙ୍କ ଆସ୍ଥାକୁ ଆହତ କରିବାର ଅଧିକାର ବିଜେପିକୁ କିଏ ଦେଲା? ପ୍ରଧାନମନ୍ତ୍ରୀ ନିଜକୁ ଶେହେନଶାହା ଓ ତାଙ୍କ ଦରବାରୀ ପ୍ରଧାନମନ୍ତ୍ରୀଙ୍କୁ ଈଶ୍ୱର ମନେ କରୁଛନ୍ତି ବୋଲି ରାହୁଲ କହିଛନ୍ତି। ସେହିପରି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଏହାକୁ ଅତ୍ୟନ୍ତ କଟୁ ଶବ୍ଦରେ ନିନ୍ଦା କରିଛନ୍ତି। ଏହି ଅହଂକାର ବିଜେପିକୁ ବୁଡ଼ାଇବ ବୋଲି ସେ ଟିପ୍ପଣୀ କରିଛନ୍ତି। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଏହାକୁ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି ଉଲ୍ଲେଖ କରି ବିଜେପିର ଅହଂକାର କେଉଁ ସ୍ଥାନରେ ପହଞ୍ଚିଛି ଏହି ଘଟଣା ତାହାର ଜ୍ୱଳନ୍ତ ପ୍ରମାଣ ବୋଲି କହିଛନ୍ତି।

ଝାଡ଼ଖଣ୍ଡ ଯୁଥ୍ କଂଗ୍ରେସ ଏହି ମନ୍ତବ୍ୟକୁ ଦୁର୍ଭାଗ୍ୟଜନକ ବୋଲି କହିଛି। ତୃଣମୂଳ ନେତ୍ରୀ ମହୁଆ ମଇତ୍ର ଅତ୍ୟନ୍ତ କଡ଼ା ଭାଷାରେ ସମ୍ବିତ୍ ପାତ୍ରଙ୍କୁ ସମାଲୋଚନା କରି ମୋଦୀଙ୍କ ନେତା ମହାପ୍ରଭୁଙ୍କୁ ଅସମ୍ମାନ କରିଥିବା କହିଛନ୍ତି। ବିହାର କଂଗ୍ରେସ ସେବାଦଳ ମଧ୍ୟ ସମ୍ବିତଙ୍କୁ ତୀବ୍ର ନିନ୍ଦା କରିଛି। ସେବାଦଳ ପକ୍ଷରୁ କୁହାଯାଇଛି ଯେ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋର ଅପମାନ। ଏହାଦ୍ୱାରା କୋଟିକୋଟି ଭକ୍ତଙ୍କ ଆସ୍ଥାକୁ ଆଘାତ ଲାଗିଛି। ଏହ ଘୃଣିତ ମନ୍ତବ୍ୟ ପାଇଁ ନିଜେ ମୋଦୀ କ୍ଷମା ମାଗନ୍ତୁ। ଉତ୍ତରପ୍ରଦେଶ କଂଗ୍ରେସ ମଧ୍ୟ ଏହାକୁ ରିଟ୍ୱିଟ୍ କରି ପ୍ରଧାନମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା କରିଛି। ସମ୍ବିତ ପାତ୍ରଙ୍କ ସ୍ଥାନରେ ଅନ୍ୟ କେହି ଏପରି ମନ୍ତବ୍ୟ ଦେଇଥିଲେ ବର୍ତ୍ତମାନ ସୁଦ୍ଧା ତାଙ୍କୁ ବିଜେପି ଟ୍ରୋଲ ବାହିନୀ କେତେ କ'ଣ କହି ସାରିଥାଆନ୍ତେ ବୋଲି ଜି.ପି.ସିଂହ କହିଛନ୍ତି। ଡ଼. ମୋନିକା ସିଂହ ନାମକ ଜଣେ 'ଏକ୍ସ' ୟୁଜର କହିଛନ୍ତି ଯେ ବିଜେପିବାଲାଙ୍କୁ କ'ଣ ହୋଇଛି, ଆମର ଆରାଧ୍ୟ ଈଶ୍ୱରଙ୍କୁ ଏପରି ଅପମାନ ଦେଉଛନ୍ତି? ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ମଧ୍ୟ ସମ୍ବିତଙ୍କୁ କଡ଼ା ସମାଲୋଚନା କରିଛନ୍ତି। 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ, ବିଜେପି କ'ଣ ଭଗବାନଙ୍କ ଉପରେ। ବିଜେପି ଅହଂକାରର ସବୁ ସୀମା ଟପିଯାଇଛି। ଦେଶବାସୀ ଏଥିପାଇଁ ବିଜେପିକୁ କେବେ ବି କ୍ଷମା ଦେବେ ନାହିଁ। ସୁରେନ୍ଦ୍ର ରାଜପୁତ ନାମକ ଜଣେ ବ୍ୟକ୍ତି କହିଛନ୍ତି ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ନିଜକୁ ଶେହେନଶାହା ଓ ତାଙ୍କ ଦରବାରୀ ମୋଦୀଙ୍କୁ ସ୍ୱୟଂ ଭଗବାନ ମାନୁଛନ୍ତି ଏଥିରୁ ସ୍ପଷ୍ଟ ଯେ ପାପର ଲଙ୍କାର ପତନ ସମୟ ଆସି ଯାଇଛି। କୋଟିକୋଟି ଲୋକଙ୍କ ଆସ୍ଥାକୁ ଆହତ କରିବାର ଅଧିକାର ବିଜେପିକୁ କିଏ ଦେଇଛି। ଏହି ଅହଂକାର ବିଜେପିର ବିନାଶର କାରଣ ହେବ।

## ସମ୍ବିତଙ୍କ କୁଶପୁତ୍ତଳିକା ଦାହ

ଭୁବନେଶ୍ୱର, ୨୦।୫(ସମିସ): ପ୍ରଭୁ ଜଗନ୍ନାଥଙ୍କୁ ନେଇ ବିଜେପି ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ଅପମାନସୂଚକ ମନ୍ତବ୍ୟ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ରାଜଧାନୀ ରାଜରାସ୍ତାରେ ପ୍ରତିବାଦ କରଛି ଯୁବ କଂଗ୍ରେସ। ସମ୍ବିତ ପାତ୍ର ହାୟ ହାୟ ନାରା ଦେବା ସହ ଓଡ଼ିଶା ଛାଡ଼ିବାକୁ ଦାବି



କରିଛନ୍ତି କଂଗ୍ରେସ କର୍ମୀ। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯିବା ସହ ସମ୍ବିତଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କ୍ଷମତାରେ ଅନ୍ଧ ହୋଇ ବିଜେପି ଜଗନ୍ନାଥଙ୍କୁ ମାନିବାକୁ ପ୍ରସ୍ତୁତ ନୁହେଁ। ମୋଦୀଙ୍କୁ ଜଗନ୍ନାଥଙ୍କ ଉପରେ ସ୍ଥାନୀତ କରିବା ଧୃଷ୍ଟତାକୁ ଓଡ଼ିଶାବାସୀ ବା ବିଶ୍ୱବାସୀ କ୍ଷମା ଦେବେ ନାହିଁ। ବିଜେପି ଓ ସମ୍ବିତ ପାତ୍ର ଧରାକୁ ସରା ମଣିଲେଣି। ଏହାର ଜବାବ ନିଶ୍ଚିତ ଭାବରେ ଓଡ଼ିଶାବାସୀ ଦେବେ ବୋଲି ଶ୍ରୀ ପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଜୟ ସାହୁ, ଗଣେଶ ଦାସ, ଅମୀୟ ପାଣ୍ଡବ, ସୁରଜ ରାଉତ, ବଳରାମ ନନ୍ଦ, ଉଦିତ ପ୍ରଧାନ, କାର୍ତ୍ତିକ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା କଂଗ୍ରେସ

**ଭୁବନେଶ୍ୱର,୨୦।୫(ସମିସ):** ପୁରୀ ବିଜେପି ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ରାଜ୍ୟ କଂଗ୍ରେସ। ସମ୍ବିତ ପାତ୍ର ଶ୍ରୀ ଜଗନ୍ନଥଙ୍କୁ ମୋଦୀଙ୍କ ଭକ୍ତ ବୋଲି ଉଚ୍ଚାରଣ କରିବା ପରେ ଏହାକୁ ବିରୋଧ କରି ରାଜ୍ୟ କଂଗ୍ରେସ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବି ପତ୍ର ଦେବା ସହ ଶ୍ରୀ ପାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ରାଜ୍ୟ କଂଗ୍ରେସ ରାଜ୍ୟ ମୁଖ୍ୟମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୋଡ୍ ଶୋ' ସମୟରେ ପୁରୀ ବିଜେପି ଲୋକସଭା ପ୍ରାର୍ଥୀ "ଜଗନ୍ନାଥ ମୋଦୀଙ୍କ ଭକ୍ତ" ଭଳି ଏକ ଆଶ୍ଚର୍ଯ୍ୟଜନକ ବିବୃତ୍ତି ଦେଇଛନ୍ତି। ପ୍ରଭୁ ଜଗନ୍ନାଥ ବିଶେଷ ଭାବରେ ଆମ ଦେଶର ହିନ୍ଦୁ ସମ୍ପ୍ରଦାୟ ଏବଂ ଓଡ଼ିଆ ଲୋକଙ୍କ ମଉଡ଼ମଣୀ। ତେଣୁ ଶ୍ରୀ ପାତ୍ରଙ୍କ ଏହି ମନ୍ତବ୍ୟ ପ୍ରଭୁ ଜଗନ୍ନାଥଙ୍କ ଲକ୍ଷ ଲକ୍ଷ ଭକ୍ତଙ୍କ ଧାର୍ମିକ ଭାବନାକୁ କ୍ରୋଧିତ କରିବା ପାଇଁ ଏକ ସୁଚିନ୍ତିତ ଏବଂ ମନ୍ଦ ଉଦ୍ଦେଶ୍ୟ। ଏହାକୁ ଆଧାର କରି ପୁରୀ ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଜୟନାରାୟଣ ପଟ୍ଟନାୟକ ପୁରୀ ଟାଉନ ଥାନାରେ ଶ୍ରୀ ପାତ୍ରଙ୍କ ବିରୋଧରେ ଏତଲା ଦେଇଥିବା ବେଳେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ନିର୍ବାଚନ ଆଇନର ଆଦର୍ଶ ଆଚରଣ ବିଧି ଉଲ୍ଲଘଂନ କରିଥିବାରୁ ଶ୍ରୀ ପାତ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ କଂଗ୍ରେସ ଅନୁରୋଧ କରିଛି। କଂଗ୍ରେସର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟଙ୍କ ନେତୃତ୍ୱରେ ଏକ ଟିମ୍ ଯାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାବି ଦାବି ପତ୍ର ପ୍ରଦାନ କରିଛନ୍ତି।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ଅତିରିକ୍ତ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର, ୨୦।୫(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ରହିଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ଓ ଉପସଭାପତି ସଂଗ୍ରାମ ଜେନାଙ୍କ କାର୍ଯ୍ୟକାଳ ଚଳିତ ମଇ ମାସ ୨୦ ତାରିଖରେ ଶେଷ ହୋଇଛି। ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ସେମାନଙ୍କ ସ୍ଥାନରେ ନୂଆ କର୍ମକର୍ତ୍ତାଙ୍କ ନିଯୁକ୍ତି ହୋଇପାରି ନାହିଁ। ଏଥିପାଇଁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଏକାଡେମୀର ସଭାପତି ଓ ଉପସଭାପତି ଭାବେ ଆସନ୍ତାକାଲି ଠାରୁ ଦାୟିତ୍ୱ ନିର୍ବାହ କରିବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିସନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏକ ଆଦେଶନାମା ଜାରି କରି କହିଛନ୍ତି। ସେହିପରି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଓ ଉପସଭାପତିଙ୍କ କାର୍ଯ୍ୟକାଳ ମଧ୍ୟ ସମାନ ଦିନରେ ଶେଷ ହୋଇଥିବାରୁ ବିଭାଗୀୟ ନିର୍ଦ୍ଦେଶକ ସେହି ପଦଗୁଡ଼ିକର ଦାୟିତ୍ୱରେ ରହିବେ। ଏହାସହ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲଙ୍କର କାର୍ଯ୍ୟକାଳ ମଧ୍ୟ ଚଳିତ ମାସ ୨୦ ତାରିଖରେ ଶେଷ ହୋଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହାଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଚିବ ଡ. ସୟଦ୍ ମୁସିର୍ ଆଲାମଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଆସନ୍ତା କାଲିଠାରୁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଚିବ ଭାବେ ସୁଚିସ୍ମିତା ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସରକାରୀ ଆଦେଶନାମାରେ କୁହାଯାଇଛି।

## ରତ୍ନଭଣ୍ଡାର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କିଛି ଜାଣି ନାହାନ୍ତି: ବିଜେଡି

**ଭୁବନେଶ୍ୱର, ୨୦।୫(ସମିସ):** ଓଡ଼ିଶାରେ ବିଜେପି ଅତ୍ୟନ୍ତ ଶୋଚନୀୟ ପରାଜୟ ବରଣ କରିବାକୁ ଯାଉଛି। ଏହା ସେମାନେ ଭଲ ଭାବେ ଜାଣିସାରିଲେଣି। ସେଥିପାଇଁ ବିଜେପି କର୍ମୀ ଏବଂ ନେତା ସମ୍ପୂର୍ଣ୍ଣ ହତୋତ୍ସାହିତ ହୋଇ ପଡ଼ିଛନ୍ତି। ତେଣୁ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦଳୀୟ

- ସେଥିପାଇଁ ସାଢ଼େ ଚାରିକୋଟି ଓଡ଼ିଆଙ୍କ ଭାବାବେଗ ସହ ଖେଳୁଛନ୍ତି
- ଆସନ୍ନ ପରାଜୟରେ ହତୋତ୍ସାହିତ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦଳୀୟ କାର୍ଯ୍ୟାଳକୁ ଯିବାକୁ ପଡ଼ିଲା

କାର୍ଯ୍ୟାଳୟକୁ ଯିବାକୁ ପଡ଼ିଲା ବୋଲି ବିଜେଡି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି। କିନ୍ତୁ ହତୋତ୍ସାହିତ ଦଳୀୟ ନେତା ଓ କର୍ମୀଙ୍କ ମନୋବଳ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ସାଢେ ୪ କୋଟି ଓଡ଼ିଶାବାସୀଙ୍କ ଭାବାବେଗ ସହ ଖେଳୁଛନ୍ତି, ଏଥିପାଇଁ ରାଜ୍ୟବାସୀ କେବେ କ୍ଷମା ଦେବେ ନାହିଁ ସେ କହିଛନ୍ତି। ଆଜି ଶ୍ରୀମତି ଦେଓ ଗଣମାଧ୍ୟମକୁ କହିଛନ୍ତି, ବୋଧହୁଏ ରତ୍ନଭଣ୍ଡାର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କିଛି ଜାଣିନାହାନ୍ତି। ଆସନ୍ତା ଜୁଲାଇ ମାସରେ ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲିବାକୁ ଯାଉଛି। ଏଥିରେ କାହାର କିଛି ଲୁଚାଇବାର ନାହିଁ। ଏଥିପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇଛି। ରତ୍ନଭଣ୍ଡାର ଖୋଲିବା ପାଇଁ କମିଟି ତାର ପ୍ରକ୍ରିୟା ଜାରି ରଖିଛି। କିନ୍ତୁ ରତ୍ନଭଣ୍ଡାରକୁ ନେଇ ବିଜେପି ହଟଚମଟ ସୃଷ୍ଟି କରୁଛି।

ଶ୍ରୀମତି ଦେଓ କହିଛନ୍ତି, ଚଳିତ ନିର୍ବାଚନରେ ବିଜେପିର ବହୁ ବଡ଼ବଡ଼ ନେତା ଧରାଶାୟୀ ହେବାକୁ ଯାଉଛନ୍ତି। ପୂର୍ବ ନିର୍ବାଚନ ତୁଳନାରେ ବିଜେପିର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିବ। ତେଣୁ ଆଉ କୌଣସି ପ୍ରସଙ୍ଗ ନପାଇ ଲୋକଙ୍କ ଭାବାବେଗ ସହ ଖେଳିବା ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ବୋଧହୁଏ ଜାଣିନାହାନ୍ତି, ଗଜପତି ମହାରାଜାଙ୍କ ନେତୃତ୍ୱରେ ଗଠିତ ପରିଚାଳନା କମିଟିର ମାର୍ଗଦର୍ଶନରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ, ମନ୍ଦିର ପରିଚାଳନା କରିଥାଏ। ଦୁଇ ମାସ ତଳେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କହି ପ୍ରଶଂସା କରିଥିଲେ। ହେଲେ ଆଜି ତାଙ୍କ ପ୍ରତି ଅପମାନସୂଚକ ବୟାନ ଦେଉଛନ୍ତି।

**ବିଜେଡି ଖୋଲିଲା ବିଜେପିର ଜନଜାତି ଯାତନାର ମୁଖା**

## ଆଦିବାସୀମାନଙ୍କ ପାଇଁ ବିଜେପି କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛି

**ଭୁବନେଶ୍ୱର,୨୦।୫(ସମିସ):** ବର୍ଷ ବର୍ଷ ଧରି ଆଦିବାସୀଙ୍କ ଲୁହ ଦେଖା ଗଲା ନାହିଁ। ସେମାନଙ୍କ ମୁଣ୍ଡ ଉପରୁ ବୋଝ ହାଲୁକା କଲେ ନାହିଁ। ଏବେ ନିର୍ବାଚନ ପାଇଁ ଆଦିବାସୀଙ୍କ କଥା ମନେ ପଡୁଛି। ବାସ୍ତବତା

- ■ ୧ କୋଟି ଜନଜାତିଙ୍କ ବିକାଶ ପାଇଁ ନବୀନ ଗ୍ୟାରେଣ୍ଟି
- ■ ମୁଖ୍ୟମନ୍ତ୍ରୀ ଜାଣିଛନ୍ତି, ଆଦିବାସୀଙ୍କ କଲ୍ୟାଣ ବିନା ସାମଗ୍ରୀକ ବିକାଶ ସମ୍ଭବ ନୁହେଁ
- ■ ୫ ଜନଜାତି ଭାଷାକୁ ଆଜି ପର୍ଯ୍ୟନ୍ତ କାହିଁକି ମାନ୍ୟତା ଦେଲ ନାହିଁ?
- ■ ୧୬୪ ପ୍ରଜାତିର ସମ୍ପ୍ରଦାୟଙ୍କୁ କାହିଁକି ଜନଜାତି ସ୍ୱିକୃତି ଦେଇନ?
- ■ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ କଲେନି, ୧୦ ଲକ୍ଷ ଶ୍ରମିକଙ୍କୁ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ
- ■ ଜନଜାତିଙ୍କ ଉନ୍ନତି ପାଇଁ ଆସନ୍ତା ଦଶ ବର୍ଷରେ ୧୦ ହଜାର କୋଟି ଖର୍ଚ୍ଚ ହେବ

ହେଉଛି ଭାରତୀୟ ଜନତା ପାର୍ଟିର ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ କୌଣସି ଆନ୍ତରିକତା ନାହିଁ। କିନ୍ତୁ ଆଦିବାସୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଗ୍ୟାରେଣ୍ଟି ବିଜେପିର ନିଦ ହଜାଇ ଦେଇଛି ବୋଲି ବିଜେଡି କହିଛି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ଡ଼ଃ ଅମର ପଟ୍ଟନାୟକ କହିଥିଲେ ଯେ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ନବୀନ ସରକାର ସର୍ବଦା ପ୍ରାଥମିକତା



ଦେଇ ଆସୁଛନ୍ତି। ଦେଶରେ ସବୁଠାରୁ ସର୍ବାଧିକ ଜନଜାତି ସମ୍ପ୍ରଦାୟର ଲୋକେ ଓଡ଼ିଶାରେ ବସବାସ କରନ୍ତି। ମୁଖ୍ୟମନ୍ତ୍ରୀ ଭଲ ଭାବେ ଜାଣିଛନ୍ତି ଜନଜାତି ସମ୍ପ୍ରଦାୟର ଉତ୍ଥାନ ବିନା ଓଡ଼ିଶାର ସାମଗ୍ରିକ ବିକାଶ ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ। ସେଥିପାଇଁ, ବିଜେଡଇ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ଜନତା ଦଳର ନିର୍ବାଚନୀ ଇସ୍ତାହାରରେ ଏହାର ପଞ୍ଚମ ଗ୍ୟାରେଣ୍ଟି ଭାବେ ଜନଜାତି ସମ୍ପ୍ରଦାୟର ବିକାଶକୁ ସ୍ଥାନ ଦେଇଛନ୍ତି। ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ବିଜୁ ଜନତା ଦଳର ବିଭିନ୍ନ ଦାବି ପ୍ରତି କେନ୍ଦ୍ର ଉଦାସୀନ ରହିଆସିଛି। ଆମେ ବିଜେପି ନେତୃତ୍ୱଙ୍କୁ ପ୍ରଶ୍ନ କରୁଛୁ ଯେ ଜନଜାତି ସମ୍ପ୍ରଦାୟର ପାଞ୍ଚଟି ଭାଷା ଯଥା ହୋ, ମୁଣ୍ଡାରୀ, କୁଇ, ସଉରା ଓ ଭୂମିଜକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି କାହିଁକି କର୍ଣ୍ଣପାତ କରୁ ନାହାନ୍ତି? ରାଜ୍ୟ ସରକାରଙ୍କ ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶାରେ ବାସ କରୁଥିବା ୧୬୪ ପ୍ରଜାତିର ଜନଜାତି ସମ୍ପ୍ରଦାୟଙ୍କୁ ଜନଜାତି ବର୍ଗର ପରିଚୟ ଏପର୍ଯ୍ୟନ୍ତ ମିଳି ପାରି ନାହିଁ। ବହୁବର୍ଷ ଏହି ଦାବି ପ୍ରତି ଟାଳଟୁଳ ନୀତି ଅବଲମ୍ବନ କଲେ ଆଉ ନିର୍ବାଚନ ଥିବାରୁ ମାତ୍ର ୪୦ଟି ପ୍ରଜାତିକୁ ଜନଜାତି ପରିଚୟ ପ୍ରଦାନ କରାଯାଇଛି।

ଡ଼ ପଟ୍ଟନାୟକ କହିଥିଲେ, ଓଡ଼ିଶାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଦାବୀକୁ ଆଗ୍ରହ୍ୟ କରି ଆନ୍ଧ୍ର ପ୍ରଦେଶରେ ପ୍ରତିଷ୍ଠା କଲେ। ରାଜ୍ୟର କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ରିହାତି ସ୍ୱରୂ କେନ୍ଦ୍ର ସରକାରଙ୍କ ଦ୍ୱାରା ଲଗା ଯାଇଥିବା ଜିଏସଟିକୁ ଉଚ୍ଛେଦ କରିବା ପାଇଁ ବାରମ୍ବାର ଓଡ଼ିଶା ସରକାର ଦାବୀ କରି ଆସୁଥିଲେ ମଧ୍ୟ କେନ୍ଦ୍ର ଏହାକୁ ଅଣଦେଖା କରିଆସୁଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳୀ ଭାବେ କାର୍ଯ୍ୟରତ ପ୍ରାୟ ଦଶଲକ୍ଷ ଜନଜାତିଙ୍କ ହିତ ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତି କେରିର ମୂଲ୍ୟ ଦୁଇ ଟଙ୍କା ବଢ଼ାଇଛନ୍ତି ଓ ୫୦ ପ୍ରତିଶତ ବୋନସ ବୃଦ୍ଧି କରିଛନ୍ତି। ଓଡ଼ିଶାରେ ନିର୍ମିତ ହୋଇଥିବା ତିନୋଟି ନୂଆ ମେଡିକାଲ କଲେଜର ନାମ ଜନଜାତି ସମ୍ପ୍ରଦାୟର ମହାପୁରୁଷ ମାନଙ୍କ ନାମରେ ନାମିତ ହୋଇଛି। ସେହିପରି ରାଉରକେଲାରେ ନିର୍ମିତ ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିଅମ ମଧ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ ହୋଇଛି। ଜନଜାତିଙ୍କ ସମୃଦ୍ଧ କଳା, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଓ ଉତ୍ଥାନ ପାଇଁ ରାଜ୍ୟର ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ଭାରତର କୌଣସି ରାଜ୍ୟରେ ଏପରି ପରିଷଦ ଗଠନ କରା ଯାଇନାହିଁ। ଏହି ପରିଷଦ ଗୁଡିକୁ ପ୍ରତି ବର୍ଷ ମିଳୁଥିବା ଅନୁଦାନକୁ ଦ୍ୱିଗୁଣ କରାଯିବ ବୋଲି ବିଜେଡି ଏହାର ଘୋଷଣାପତ୍ରରେ ପ୍ରକାଶ କରିଛି। ଜନଜାତି ସମ୍ପ୍ରଦାୟର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ମାଗଣା ଶିକ୍ଷା ଓ ହଷ୍ଟେଲ ବ୍ୟବସ୍ଥା ଉପଲବ୍ଧ କରା ଯାଇଥିବା ବେଳେ ଶିକ୍ଷା ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି। ବିଜେଡିର ଘୋଷଣାପତ୍ରରେ ୧୦, ୦୦୦ ଜନଜାତି ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବି କରିବା ଲକ୍ଷ୍ୟରେ ଆସନ୍ତା ଦଶ ବର୍ଷରେ ଦଶ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଜେଡି ପ୍ରତିଶ୍ରୁତି ଦେଇଛି। ଓଡ଼ିଶାର ଜନଜାତି ଭାଇ ଭଉଣୀ ମାନଙ୍କ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରତିଶ୍ରୁତି କୁମ୍ଭୀର କାନ୍ଦଣା ଛଡ଼ା ଆଉ କିଛି ନୁହେଁ ବୋଲି ଡ଼ ପାତ୍ର କହିଛନ୍ତି।

